# ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims

RNI Regd. No. :ODIMUL/2023/89182 https://voiceofvictimsepaper.in Weekly Multilingual Rs - 5.00

ଭାଗ: ୩, ସଂଖ୍ୟା: ୩୯, ଭୁବନେଶ୍ୱର, ଅଗଷ୍ଟ ୧୭ - ଅଗଷ୍ଟ ୨୩, ୨୦୨୬, Vol: 3, Issue: 39, Bhubaneswar, August 17 - August 23, 2026 Pages- 8



ପୃଷ୍ଠା ୪ ସମ୍ପାଦକୀୟ : ଓ ଭାଇନା, ହେ ମଉସା

ପୃଷ୍ଠା ୮ ସରକାର ଦେଖୁଛନ୍ତି, ମାଫିଆ....


# ୭୯ ବର୍ଷର ସ୍ୱାଧୀନ ଭାରତ:
## ଉନ୍ନତି, ଅବନତି ଓ ଆତ୍ମସମୀକ୍ଷା

**ଦୀପକ କୁମାର ମହାନ୍ତି**

ସ୍ୱାଧୀନତାର ଅମୃତ ଯାତ୍ରାରେ ଆମେ ଆଜି କେଉଁଠି ପହଞ୍ଚିଛୁ। ୧୯୪୭ ମସିହା ଅଗଷ୍ଟ ୧୫। ଦୀର୍ଘ ଦୁଇ ଶତାବ୍ଦୀର ଔପନିବେଶିକ ଶାସନର ଶୃଙ୍ଖଳ ଛିଣ୍ଡି ଭାରତ ଏକ ସ୍ୱାଧୀନ ଦେଶ ଭାବରେ ବିଶ୍ୱ ମାନଚିତ୍ରରେ ନୂଆ ପରିଚୟ ନେଲା। ସେହି ଦିନ କେବଳ ଶାସନ ପରିବର୍ତ୍ତନର ଦିନ ନଥିଲା; ଏହା ଥିଲା ଏକ ନୂଆ ସ୍ୱପ୍ନର ଜନ୍ମଦିନ। ଆଜି ୨୦୨୬ ମସିହା। ଅର୍ଥାତ୍ ୧୯୪୭ରୁ ୭୯ ବର୍ଷ ପୂରଣ ହେଲା ଏବଂ ୮୦ତମ ବର୍ଷରେ ଆମେ ପ୍ରବେଶ କରୁଛୁ। ଏହି ୭୯ ବର୍ଷର ଯାତ୍ରା କୌଣସି ସାଧାରଣ ଯାତ୍ରା ନୁହେଁ। ଏହା ହେଉଛି ଦାରିଦ୍ର୍ୟରୁ ଉନ୍ନତି, ଖାଦ୍ୟାଭାବରୁ ଖାଦ୍ୟ ସୁରକ୍ଷା, ଅନ୍ଧକାରରୁ ଡିଜିଟାଲ ଭାରତ, ଗାଁର କାଦୁଅ ରାସ୍ତାରୁ ଏକ୍ସପ୍ରେସ୍‌ୱେ, ଚିଠିରୁ ମୋବାଇଲ ଓ ଇଣ୍ଟରନେଟ୍, ବୃଷଭଗାଡ଼ିରୁ ମହାକାଶ ଯାନ ପର୍ଯ୍ୟନ୍ତର ଯାତ୍ରା। କିନ୍ତୁ ପ୍ରଶ୍ନ ହେଉଛି, ଆମେ କେବଳ ଆଗକୁ ବଢ଼ିଛୁ ନା ଆମର କିଛି ମୂଲ୍ୟବୋଧ ପଛରେ ଛାଡ଼ି ଆସିଛୁ ? ଏହାର ଉତ୍ତର ସରଳ ନୁହେଁ। ସ୍ୱାଧୀନତା ବେଳର ଭାରତ ଥିଲା ଏକ ଅତ୍ୟନ୍ତ ଦୁର୍ବଳ ଅର୍ଥନୀତି। ଦେଶ ବିଭାଜନର ଯନ୍ତ୍ରଣା, ଶରଣାର୍ଥୀ ସମସ୍ୟା, ଖାଦ୍ୟାଭାବ, ଅଶିକ୍ଷା, ଦାରିଦ୍ର୍ୟ, ସ୍ୱାସ୍ଥ୍ୟସେବାର ଅଭାବ ଓ ଅତ୍ୟନ୍ତ କମ୍ ଶିଳ୍ପାୟନ, ସବୁକିଛି ନୂଆ ଭାରତର ସାମ୍ନାରେ ଚ୍ୟାଲେଞ୍ଜ ହୋଇ ଠିଆ ହୋଇଥିଲା। ସେହି ସମୟରେ ଭାରତର ସାଧାରଣ ଲୋକଙ୍କ ପାଇଁ ସ୍ୱାଧୀନତାର ଅର୍ଥ ଥିଲା, ଦୁଇବେଳା ଭୋଜନ, ମୁଣ୍ଡ ଉପରେ ଛାତ, ପିଲାଙ୍କ ପାଇଁ ଶିକ୍ଷା, ରୋଗରେ ଚିକିତ୍ସା ଓ ସମ୍ମାନର ସହିତ ବଞ୍ଚିବା। ସେହି ଭାରତକୁ ଆଜିର ଭାରତ ସହ ତୁଳନା କଲେ ପରିବର୍ତ୍ତନର ପରିମାଣ ଅବିଶ୍ୱସନୀୟ।

ଦେଶର ଅର୍ଥନୀତି ଆଜି ଶୂନ୍ୟରୁ ବିଶ୍ୱ ଶକ୍ତି ପର୍ଯ୍ୟନ୍ତ ବ୍ୟାପିଛି। ସ୍ୱାଧୀନତା ପରେ ଦେଶ ଯୋଜନାବଦ୍ଧ ଅର୍ଥନୀତିର ମାର୍ଗ ଧରିଲା। ବଡ଼ ବନ୍ଧ, ଇସ୍ପାତ କାରଖାନା, ସରକାରୀ ଉଦ୍ୟୋଗ, ଶିକ୍ଷାନୁଷ୍ଠାନ ଓ ବୈଜ୍ଞାନିକ ସଂସ୍ଥା ଗଢ଼ି ଉଠିଲା। ପରେ ୧୯୯୧ର ଅର୍ଥନୈତିକ ସଂସ୍କାର ଭାରତୀୟ ଅର୍ଥନୀତିକୁ ଏକ ନୂଆ ଦିଗ ଦେଲା ବିଭିନ୍ନ ବେସରକାରୀ ଉଦ୍ୟୋଗ, ବିଦେଶୀ ପୁଞ୍ଜି, ପ୍ରତିସ୍ପର୍ଦ୍ଧା ଓ ବଜାରମୁଖୀ ଅର୍ଥନୀତି ଭାରତର ବିକାଶକୁ ନୂଆ ଗତି ଦେଲା। ଆଜି ଭାରତ ବିଶ୍ୱର ପ୍ରମୁଖ ବଡ଼ ଅର୍ଥନୀତିଗୁଡ଼ିକ ମଧ୍ୟରେ ଅଛି। ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁସାରେ ୨୦୨୫ରେ ଭାରତର ଜିଡିପି ପ୍ରାୟ ୩.୭ ଟ୍ରିଲିୟନ୍ ଡଲାର ଏବଂ ମୁଣ୍ଡପିଛା ଜିଡିପି ପ୍ରାୟ ୨,୭୦୦ ଡଲାର ଥିଲା। କିନ୍ତୁ ଏଠାରେ ଆଉ ଏକ ପ୍ରଶ୍ନ ରହିଛି, ଦେଶର ଜିଡିପି ବଢ଼ିଲେ କଣ ପ୍ରତ୍ୟେକ ପରିବାରର ଜୀବନ ସମାନ ଭାବେ ଉନ୍ନତ ହୁଏ ? ଏହାର ଉତ୍ତର ହେଉଛି ନା। ଆମେ ଦେଖୁଛୁ ଯେ ଦେଶରେ ଅତ୍ୟଧିକ ସମ୍ପନ୍ନ ବର୍ଗ ମଧ୍ୟ ଅଛି, ଆଉ ଅନ୍ୟପଟେ ଆଜି




ମଧ୍ୟ ଲକ୍ଷଲକ୍ଷ ପରିବାର ମୌଳିକ ଆବଶ୍ୟକତା ପାଇଁ ସଂଘର୍ଷ କରୁଛନ୍ତି। ତେଣୁ ଜିଡିପି ବୃଦ୍ଧି ଆବଶ୍ୟକ, କିନ୍ତୁ ଜିଡିପି ହିଁ ଉନ୍ନତିର ଏକମାତ୍ର ମାପକ ନୁହେଁ।

ସ୍ୱାଧୀନତାର ପ୍ରାରମ୍ଭିକ ଦଶକରେ ଭାରତ ଖାଦ୍ୟ ପାଇଁ ବିଦେଶ ଉପରେ ନିର୍ଭର କରୁଥିଲା। ପରେ ହରିତ ବିପ୍ଳବ ଭାରତର କୃଷି ଇତିହାସକୁ ପରିବର୍ତ୍ତନ କଲା। ଗହମ ଓ ଧାନ ଉତ୍ପାଦନ ବଢ଼ିଲା। ଭାରତ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେଲା। କିନ୍ତୁ ଆଜିର ଚ୍ୟାଲେଞ୍ଜ ଅନ୍ୟ। ଚାଷୀର ଆୟ, ଉତ୍ପାଦନ ଖର୍ଚ୍ଚ, ବଜାର ଦର, ଜଳସେଚନ, ଜଳବାୟୁ ପରିବର୍ତ୍ତନ ଓ ଛୋଟ ଜମିର ସମସ୍ୟା, ଏସବୁ ଏବେ ମଧ୍ୟ ଗମ୍ଭୀର ପ୍ରଶ୍ନ। ଅର୍ଥାତ୍ ଦେଶ ଖାଦ୍ୟରେ ଆଗକୁ ବଢ଼ିଛି, କିନ୍ତୁ ଚାଷୀର ଜୀବନକୁ ସମାନ ଗତିରେ ସମୃଦ୍ଧ କରିପାରିଛି କି ? ଏହି ପ୍ରଶ୍ନର ଉତ୍ତର ଆହୁରି ଖୋଜିବାକୁ ପଡ଼ିବ।

ସ୍ୱାଧୀନତା ସମୟର ଭାରତରେ ଅଶିକ୍ଷା ଥିଲା ବିକାଶର ଏକ ବଡ଼ ବାଧା। ଆଜି ଗାଁଗାଁରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ଆଇ.ଆଇ.ଟି, ଆଇ.ଆଇ.ଏମ ମେଡିକାଲ କଲେଜ ଓ ଅନେକ ଉଚ୍ଚଶିକ୍ଷା ସଂସ୍ଥା ରହିଛି। ବିଜ୍ଞାନ, ଇଞ୍ଜିନିୟରିଂ, ମେଡିସିନ୍, ଆଇ.ଟି ଓ ଗବେଷଣା କ୍ଷେତ୍ରରେ ଭାରତୀୟମାନେ ବିଶ୍ୱରେ ନିଜର ସ୍ଥାନ ସୃଷ୍ଟି କରିଛନ୍ତି। କିନ୍ତୁ ଶିକ୍ଷାର ଅର୍ଥ କେବଳ ପରୀକ୍ଷାରେ ନମ୍ବର ନୁହେଁ। ଆଜି ମଧ୍ୟ ଶିକ୍ଷାର ଗୁଣବତ୍ତା, ଚାକିରିମୁଖୀ ଶିକ୍ଷା, ଗବେଷଣା, ସରକାରୀ ସ୍କୁଲର ମାନ, ଗ୍ରାମ-ସହର ତଫାତ ଓ ଉଚ୍ଚଶିକ୍ଷାର ଖର୍ଚ୍ଚ ଆମ ସାମ୍ନାରେ ବଡ଼ ପ୍ରଶ୍ନ। ସ୍ୱାଧୀନତା ପରେ ଭାରତର ସାଧାରଣ ଆୟୁ ଅନେକ ବଢ଼ିଛି। ଶିଶୁ ମୃତ୍ୟୁହାର କମିଛି, ଟିକାକରଣ ବଢ଼ିଛି ଏବଂ ଚିକିତ୍ସା ବିଜ୍ଞାନରେ ବହୁତ ଅଗ୍ରଗତି ହୋଇଛି। ବିଶ୍ୱ ବ୍ୟାଙ୍କର ତଥ୍ୟରେ ମଧ୍ୟ ଭାରତର ଶିଶୁ ମୃତ୍ୟୁହାର ଓ ଅନେକ ସ୍ୱାସ୍ଥ୍ୟ ସୂଚକରେ ଦୀର୍ଘମିଆଦିରେ ବଡ଼ ସୁଧାର ଦେଖାଯାଏ। ତଥାପି ଭଲ ହସ୍ପିଟାଲ ଓ ମହଙ୍ଗା ଚିକିତ୍ସା ମଧ୍ୟରେ ଆଜି ମଧ୍ୟ ଗରିବ ଓ ମଧ୍ୟବିତ୍ତ ପରିବାର ଚାପରେ ପଡ଼ନ୍ତି। ରୋଗ ହେଲେ ପରିବାରର ସଞ୍ଚୟ ଶେଷ ହୋଇଯିବ ନାହିଁ, ଏହି ସୁରକ୍ଷା ହେଉଛି ପ୍ରକୃତ ସ୍ୱାସ୍ଥ୍ୟ ଉନ୍ନତି। ରାସ୍ତା, ରେଳ, ବିଦ୍ୟୁତ ଓ ଡିଜିଟାଲ ବିପ୍ଳବ ଆଜି ସବୁଠୁ ଆଗରେ। ଯେଉଁ ଭାରତରେ ଦିନେ ଦିନେ ବିଦ୍ୟୁତ ନଥିଲା, ଟେଲିଫୋନ୍ ପାଇଁ ବର୍ଷବର୍ଷ ଅପେକ୍ଷା କରିବାକୁ ପଡୁଥିଲା, ସେହି ଭାରତ ଆଜି ମୋବାଇଲ୍, ଇଣ୍ଟରନେଟ୍, ଡିଜିଟାଲ ପେମେଣ୍ଟ ଓ ଅନଲାଇନ୍ ସେବାର ଦେଶ। ୟୁପିଆଇ ଠାରୁ ଆରମ୍ଭ କରି ଡିଜିଟାଲ ଶାସନ ପର୍ଯ୍ୟନ୍ତ ଭାରତର ପରିବର୍ତ୍ତନ ଚମତ୍କାର। ରାସ୍ତା, ରେଳପଥ, ବିମାନବନ୍ଦର, ମେଟ୍ରୋ, ବନ୍ଦର ଓ ଦୂରସଂଚାରରେ ମଧ୍ୟ ବିଶାଳ ପରିବର୍ତ୍ତନ ଘଟିଛି। କିନ୍ତୁ ଏହା ସହିତ ନୂଆ ସମସ୍ୟା ଆସିଛି, ବେକାରି, ସହରୀକରଣର ଚାପ, ପ୍ରଦୂଷଣ, ଟ୍ରାଫିକ୍ ଓ ପରିବେଶ ଧ୍ୱଂସ। ଉନ୍ନତି ଯଦି ମଣିଷକୁ ସୁବିଧା ଦିଏ, କିନ୍ତୁ ପ୍ରକୃତିକୁ ଧ୍ୱଂସ କରେ, ତେବେ ସେହି ଉନ୍ନତିକୁ କେତେ ଦୂର ପର୍ଯ୍ୟନ୍ତ ଉନ୍ନତି କୁହାଯିବ ?

ବିଜ୍ଞାନ ଓ ମହାକାଶ କ୍ଷେତ୍ରରେ ଭାରତର ଯାତ୍ରା ନିଶ୍ଚିତ ଭାବେ ଗୌରବର। ଏକ ସମୟରେ ଭାରତୀୟ ବୈଜ୍ଞାନିକମାନେ ସାଇକେଲରେ ରକେଟ୍ ?ର ଅଂଶ ବୋହି ନେଉଥିଲେ। ଆଜି ସେହି ଦେଶ ଚନ୍ଦ୍ର ଅଭିଯାନ କରୁଛି, ମଙ୍ଗଳ ଅଭିଯାନ କରିଛି ଏବଂ ମହାକାଶ ବିଜ୍ଞାନରେ ବିଶ୍ୱର ଏକ ସମ୍ମାନଜନକ ସ୍ଥାନ ଅଧିକାର କରିଛି। ପରମାଣୁ ଶକ୍ତି, ଔଷଧ ଶିଳ୍ପ, ମହାକାଶ, ଆ.ଟି, ଡିଜିଟାଲ ଟେକ୍ନୋଲୋଜି, ଏସବୁ କ୍ଷେତ୍ରରେ ଭାରତ ନିଜର କ୍ଷମତା ପ୍ରମାଣ କରିଛି। ଶାସକ ବଦଳିଛନ୍ତି, ଦେଶ ଚାଲିଛି। ୭୯ ବର୍ଷରେ ଭାରତ ଅନେକ ପ୍ରଧାନମନ୍ତ୍ରୀ, ଅନେକ ରାଜନୈତିକ ଦଳ ଓ ଅନେକ ଚିନ୍ତାଧାରାକୁ ଦେଖିଛି। କଂଗ୍ରେସର ଦୀର୍ଘ ଶାସନ, ଜରୁରୀକାଳର ଅନୁଭୂତି, ଜନତା ପାର୍ଟିର ପରୀକ୍ଷା, ମିଶ୍ର ସରକାରର ଯୁଗ, ଆଞ୍ଚଳିକ ଦଳର ଉତ୍ଥାନ ଏବଂ ପରବର୍ତ୍ତୀ ସମୟରେ ବିଜେପି ନେତୃତ୍ୱାଧୀନ ସରକାର, ଭାରତୀୟ ଗଣତନ୍ତ୍ର ଅନେକ ରଙ୍ଗ ଦେଖିଛି। ଏହି ଯାତ୍ରାର ସବୁଠାରୁ ବଡ଼ ସଫଳତା ହେଉଛି, ଭାରତରେ ସରକାର ଭୋଟ୍‌ରେ ବଦଳିଛି। ଏହା ଛୋଟ କଥା ନୁହେଁ। କିନ୍ତୁ ରାଜନୀତିରେ ମଧ୍ୟ ଅବନତିର କିଛି ଦିଗ ଦେଖାଯାଏ, ଧ୍ରୁବୀକରଣ, ଦଳୀୟ ବିଦ୍ୱେଷ, ନିର୍ବାଚନୀ ପ୍ରତିଶ୍ରୁତି, ଧନବଳ, ଅପରାଧୀକରଣର ଅଭିଯୋଗ ଏବଂ ଅନେକ ସମୟରେ ଜନସ୍ୱାର୍ଥଠାରୁ ଦଳୀୟ ସ୍ୱାର୍ଥ ଆଗକୁ ଆସିବା। ଗଣତନ୍ତ୍ର କେବଳ ଭୋଟ୍ ଦେବାର ଅଧିକାର ନୁହେଁ; ଏହା ହେଉଛି ପ୍ରଶ୍ନ କରିବାର ଅଧିକାର ମଧ୍ୟ। ଭାରତରେ ଦାରିଦ୍ର୍ୟ କମିଛି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ୨୦୧୧-୧୨ ରୁ ୨୦୨୨-


*(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)*

## ମୁଖ୍ୟ ସ୍ତମ୍ଭ

EDITORIAL



କୈଳାସ ଚନ୍ଦ୍ର ଶତପଥୀ

# ଜୀବନର ପାଣ୍ଡୁଲିପି ପୂର୍ବରୁ ଲେଖା ହୋଇସାରିଛି

ମଣିଷ ସବୁବେଳେ ଭାବେ ସେ ନିଜ ଜୀବନର ନିର୍ମାତା। ସେ ଯୋଜନା କରେ, ସ୍ୱପ୍ନ ଦେଖେ, ଲକ୍ଷ୍ୟ ସ୍ଥିର କରେ। କିନ୍ତୁ ସମୟ ବାରମ୍ବାର ପ୍ରମାଣ କରିଛି, ମଣିଷ ଯାହା ଭାବେ, ଜୀବନରେ ସବୁବେଳେ ତାହା ହୁଏ ନାହିଁ। ଅଦୃଶ୍ୟ କୌଣସି ଶକ୍ତି ଆମକୁ ସେହି ପଥରେ ନେଇଯାଏ, ଯାହା ପାଇଁ ହୁଏତ ଆମେ ଜନ୍ମ ନେଇଥାଉ।

ସେହି ଚିରନ୍ତନ ସତ୍ୟର ଏକ ସୁନ୍ଦର ପ୍ରତିଛବି। ରେଲୱେର ଟି.ଟି. ଭାବେ କାର୍ଯ୍ୟରତ ଜଣେ ସାଧାରଣ ଯୁବକ ଯଦି ନିଜର ଚାକିରିକୁ ହିଁ ଜୀବନର ଚୂଡ଼ାନ୍ତ ଗନ୍ତବ୍ୟ ଭାବିନେଇଥାନ୍ତେ, ତେବେ କ୍ରିକେଟ ଇତିହାସ ସମ୍ଭବତଃ ଜଣେ ମହାନ ଅଧିନାୟକଙ୍କୁ ହରାଇଥାନ୍ତା। ତାଙ୍କ ହାତରେ ବ୍ୟାଟ୍ ଥିଲା, କିନ୍ତୁ ତାଙ୍କ ଭାଗ୍ୟରେ ଲେଖାଥିଲା ନେତୃତ୍ୱ; ତାଙ୍କ ଚାକିରି ଥିଲା ରେଲୱେରେ, କିନ୍ତୁ ତାଙ୍କର କର୍ମଭୂମି ଥିଲା ସମଗ୍ର ବିଶ୍ୱ କ୍ରିକେଟ।

ଜୀବନର ବିଡ଼ମ୍ବନା ଏଇଠି। ଆମେ ଅନେକ ସମୟ ତତ୍କାଳିକ ପରିସ୍ଥିତିକୁ ହିଁ ଭାଗ୍ୟର ଶେଷ ରାୟ ବୋଲି ଧରିନେଉ। ଏକ ଛୋଟ ଚାକିରି, ଏକ ବିଫଳତା, ଏକ ପ୍ରତ୍ୟାଖ୍ୟାନ କିମ୍ବା ଏକ ଅସୁବିଧାକୁ ନେଇ ଆମେ ନିଜ ଭବିଷ୍ୟତକୁ ବିଚାର କରିଦେଉ। କିନ୍ତୁ ନିୟତି ନିଜ ସମୟରେ ହିଁ ତା'ର ପରିଚୟ ଦିଏ। ବୀଜ ଭିତରେ ଯେପରି ବିଶାଳ ବୃକ୍ଷ ଲୁଚି ରହିଥାଏ, ସେହିପରି ପ୍ରତ୍ୟେକ ମଣିଷ ଭିତରେ ତାଙ୍କର ଅଦେଖା ସମ୍ଭାବନା ନିହିତ ଥାଏ।

ଏହାର ଅର୍ଥ ଏହା ନୁହେଁ ଯେ ମଣିଷ କେବଳ ଭାଗ୍ୟର ଭରସାରେ ବସି ରହିବ। ନିୟତି ଦ୍ୱାର ଖୋଲିଦିଏ, କିନ୍ତୁ ସେହି ଦ୍ୱାର ଦେଇ ଭିତରକୁ ପ୍ରବେଶ କରିବାର ସାହସ, ପରିଶ୍ରମ ଓ ଧୈର୍ଯ୍ୟ ମଣିଷକୁ ହିଁ ଦେଖାଇବାକୁ ପଡ଼େ। କ୍ରିକେଟର ଧୋନିଙ୍କ ଜୀବନ ଆମକୁ ଶିଖାଏ, ଭାଗ୍ୟ ସୁଯୋଗ ଦେଇପାରେ, କିନ୍ତୁ ସେହି ସୁଯୋଗକୁ ଇତିହାସରେ ପରିଣତ କରେ କେବଳ ଅକ୍ଲାନ୍ତ ପରିଶ୍ରମ ଓ ସାଧନା।

ସେଥିପାଇଁ ଜୀବନର କୌଣସି ଅଧ୍ୟାୟକୁ ଶେଷ ଅଧ୍ୟାୟ ବୋଲି ଭାବିବା ଉଚିତ୍ ନୁହେଁ। ଆଜି ଯାହା ସାଧାରଣ ଲାଗୁଛି, କାଲି ସେହିଟି ଅସାଧାରଣ ହୋଇପାରେ। ଆଜି ଯେଉଁ ମଣିଷ ଭିଡ଼ ଭିତରେ ହଜିଯାଇଛି, କାଲି ସେହି ଇତିହାସର ପୃଷ୍ଠାରେ ସ୍ଥାନ ପାଇପାରେ।

ଜୀବନ ଆମକୁ ଏତିକି ଶିଖାଏ, ନିଜ କର୍ମକୁ ନିଷ୍ଠା ଓ ସତ୍ୟର ସହ କରିଚାଲ। କାରଣ ତୁମେ ଆଜି କିଏ, ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ସମୟ ତୁମକୁ କାଲି କ'ଣ କରିବାକୁ ଅପେକ୍ଷା କରିଛି। ନିୟତିର ପାଣ୍ଡୁଲିପି ହୁଏତ ପୂର୍ବରୁ ଲେଖା ହୋଇଥାଇପାରେ, କିନ୍ତୁ ତାହାକୁ ପଢ଼ିବାର ଅଧିକାର କେବଳ ସମୟର।




# ରୋଟାରି କ୍ଲବ କଟକ କ୍ୟାଣ୍ଟନମେଣ୍ଟର ୭ମ ଅଧିଷ୍ଠାନ ଦିବସ

**କଟକ (ଭିଓଭି) :** ରୋଟାରି କ୍ଲବ କଟକ କ୍ୟାଣ୍ଟନମେଣ୍ଟର ୭ମ ଅଧିଷ୍ଠାନ ଦିବସ କଟକସ୍ଥିତ ହୋଟେଲ ପିପୁଲ୍ସ ପଦ୍ମଜାଠାରେ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବର ପୁରୁଣା କାର୍ଯ୍ୟକାରିଣୀ ନୂତନ କାର୍ଯ୍ୟକାରିଣୀକୁ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ଆଗାମୀ ବର୍ଷ ପାଇଁ ସମାଜସେବାର ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଉତ୍ସବରେ ପୂର୍ବତନ ଜିଲ୍ଲା ପ୍ରାନ୍ତପାଳ ଜୟଶ୍ରୀ ମହାନ୍ତି ମୁଖ୍ୟ ଅତିଥି ଏବଂ ଆସିଷ୍ଟାଣ୍ଟ ଗଭର୍ଣ୍ଣର ନୂପୁର ସୁର ମୁଖ୍ୟ ଅତିଥିଙ୍କ ସହ ଯୋଗଦେଇଥିଲେ। ଚାର୍ଟର ପ୍ରେସିଡେଣ୍ଟ ଡ. ତାପସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିଷ୍ଠାନ ଉତ୍ସବଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। କ୍ଲବର ବିଦାୟୀ ସଭାପତି ରୁପେଶ ଦାସ ଓ ସହ-ସମ୍ପାଦକ ଶୁଭ୍ରା ମହାନ୍ତି ନୂତନ ରୋଟାରୀ ବର୍ଷ ୨୦୨୬-୨୭ ପାଇଁ ମନୋନୀତ ସଭାପତି ଜ୍ୟୋତି ରଞ୍ଜନ ଲେଙ୍କା ଓ ସମ୍ପାଦକ ରୋଟାରିଆନ ସାଦ ହାସମୀଙ୍କୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ବିଦାୟୀ ସଭାପତି ଓ ସମ୍ପାଦକଙ୍କ ନେତୃତ୍ୱରେ ଗତ ରୋଟାରି ବର୍ଷରେ କ୍ଲବ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ନୂତନ ସଭାପତି ଜ୍ୟୋତି ରଞ୍ଜନ ଲେଙ୍କା ନୂତନ କାର୍ଯ୍ୟକାରିଣୀର ସଦସ୍ୟମାନଙ୍କ ନାମ ଓ ସେମାନଙ୍କ ଦାୟିତ୍ୱ ଘୋଷଣା କରିଥିଲେ। ଅଧିଷ୍ଠାନ ଉତ୍ସବର ଅନ୍ୟତମ ଆକର୍ଷଣ ଥିଲା ୨୫ଜଣ ନୂତନ ସଦସ୍ୟଙ୍କୁ ରୋଟାରି ପରିବାରରେ ସାମିଲ କରାଯିବା। ମୁଖ୍ୟ ଅତିଥି ନୂତନ ସଦସ୍ୟମାନଙ୍କୁ ରୋଟାରି ପିନ୍ ପିନ୍ଧାଇ ସଦସ୍ୟତା ପ୍ରଦାନ କରିଥିଲେ। ସମାଜସେବାର ଅଂଶ ଭାବେ ଏହି ଅବସରରେ ଦୁଇଜଣ ମୁକ-ବଧିର ଛାତ୍ରୀଙ୍କୁ ଭୁବନେଶ୍ୱର ରୋଟାରି ଇଲାଇଟ୍ କ୍ଲବର ପୂର୍ବତନ ସଭାପତି ସରୋଜ କୁମାର ଦାସ ସ୍କୁଲ ବ୍ୟାଗ୍, ଖାତା ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀ ପ୍ରଦାନ କରିଥିଲେ।

## ୨୫ ନୂତନ ସଦସ୍ୟଙ୍କୁ ସାମିଲ ସମାଜସେବାରେ ବହୁମୁଖୀ କାର୍ଯ୍ୟକ୍ରମ

କ୍ଲବ ପକ୍ଷରୁ ୫ ଜଣ ଯକ୍ଷ୍ମା ପୀଡ଼ିତ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଥିବାବେଳେ ଆଉ ଜଣେ ବ୍ୟକ୍ତିଙ୍କୁ ହ୍ୱିଲ୍-ଚେୟାର ପ୍ରଦାନ କରାଯାଇଥିଲା। ଏହି ଅଧିଷ୍ଠାନ ଦିବସରେ ରୋଟାରି କ୍ଲବ କଟକ କ୍ୟାଣ୍ଟନମେଣ୍ଟର ସମସ୍ତ ସଦସ୍ୟଙ୍କ ସହିତ କଟକ ଓ ଭୁବନେଶ୍ୱରର ବିଭିନ୍ନ ରୋଟାରି କ୍ଲବର ସଭାପତି, ସମ୍ପାଦକ ଓ ବହୁ ବିଶିଷ୍ଟ ରୋଟାରିଆନ ଯୋଗଦେଇଥିଲେ। ନୂତନ ନେତୃତ୍ୱରେ କ୍ଲବ ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ, ଦୁର୍ବଳ ଓ ଅସହାୟ ବର୍ଗଙ୍କ ସହାୟତା ସମେତ ବିଭିନ୍ନ ସେବାମୂଳକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବାକୁ ଗୁରୁତ୍ୱ ଦେବ ବୋଲି ନୂତନ କାର୍ଯ୍ୟକାରିଣୀ ପକ୍ଷରୁ ପ୍ରକାଶ କରାଯାଇଛି।

# ପତଞ୍ଜଳି ଯୋଗପୀଠ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ



**କଟକ (ଭିଓଭି) :** ପତଞ୍ଜଳି ଯୋଗପୀଠ ପକ୍ଷରୁ ଖାନନଗର ସ୍ଥିତ ବୈଷ୍ଣବ ପାଣି ପାର୍କ ଠାରେ ୮୦ ତମ ସ୍ୱାଧୀନତା ଦିବସ ରାଜ୍ୟ ପ୍ରଭାରୀ ସୁନିଲ ଶର୍ମାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ ନିମାଇଁ ଜେନା, କିଶୋର ସାଗର, ଶିବାଜୀ ସତ୍ୟ ଷଡ଼ଙ୍ଗୀ, ପ୍ରମୋଦ ଦାଶ, ପ୍ରିୟବ୍ରତ ରାଉତରାୟ, ପ୍ରସନ୍ନ ଭୂୟାଁ, ସ୍ୱରୂପ ସାହୁ, ଚଣ୍ଡେଶ୍ୱର ବେହେରା, ଆଶିଷ ହାଲଦାର, ଶରତ ପଣ୍ଡା, କୁରେଶ ପାତ୍ର, ସ୍ମୃତିରଞ୍ଜନ ମୁଦୁଲି, ଅରବିନ୍ଦ ପଣ୍ଡା, ରାମଚନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ସାଗର ନାୟକ, ଶ୍ରୀଧର ପଣ୍ଡା, ବିଶ୍ୱରଞ୍ଜନ ଘଡାଇ, ସନ୍ତୋଷ ରାୟ, ସି ଏଚ୍ ବସନ୍ତା, କୁମୁଦିନୀ ଦ୍ୱିବେଦୀ, ଶୋଭା ଦାସ, କବିତା କରଣ, ଜୟଲକ୍ଷ୍ମୀ ରାଉତରାୟ, ଉଷାରାଣୀ ଜେନା, ରୀତା ପୁହାଣ, ଝୁନାରାଣୀ ବେହେରା, ବାସନ୍ତୀ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ମହେନ୍ଦ୍ର ତ୍ରିପାଠୀ ଓ ତ୍ରିନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିଶିର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୈଦିକ ଯଜ୍ଞ ସହ ସ୍ୱଦେଶୀ ସଂକଳ୍ପ ପାଠ କରାଯାଇଥିଲା।

# ଜେନ୍-ଜି, ଜେନ୍-ଆଲ୍ଫା : ଆତ୍ମମନ୍ଥନର ସମୟ



ବିମଳ ଅଗ୍ରୱାଲ

ଅଶୀତମ ସ୍ୱାଧୀନତା ଦିବସ ପାଳନ ଅବସରରେ ସମସ୍ତ ଦେଶବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।

ହଜାରହଜାର ବର୍ଷ ପୁରାତନ ଏକ ଦେଶପାଇଁ ଅଶୀବର୍ଷର ଯଦିଓ ଏକ ଅତିବଡ କାଳଖଣ୍ଡ ନୁହେଁ ତେବେ ଆମର ଲକ୍ଷ୍ୟ ଓ ପ୍ରାପ୍ତି ସମ୍ପର୍କରେ ଏକ ସମୀକ୍ଷା ପାଇଁ ଏହା ଏକ ପର୍ଯ୍ୟାପ୍ତ ଓ ପ୍ରକୃଷ୍ଟ ସମୟ। ୧୯୪୭ ରେ ବ୍ରିଟିଶମାନଙ୍କଠାରୁ ସ୍ୱାଧୀନତା ପାଇବା ପୂର୍ବରୁ ଆମେ ସବୁବେଳେ ବିଭିନ୍ନ ପ୍ରକାରର ଶାସକଙ୍କ ଦ୍ୱାରା ଶାସିତ ହେଉଥିଲେ। ସମ୍ପର୍କ ଥିଲା ରାଜା ପ୍ରଜା କିମ୍ବା ଶାସକ ଓ ଶାସିତ।୧୯୪୭ ପୂର୍ବରୁ ଆମ ଦେଶରେ କେବେବି ଶାସନରେ ସାଧାରଣ ଲୋକଙ୍କର ଇଚ୍ଛା ଏବଂ ଅଧିକାର ପ୍ରତିନିଧିତ୍ୱ କିମ୍ବା ପ୍ରତିଫଳନ ନଥିଲା । ସବୁସମୟରେ ରାଜଆଦେଶ ହିଁ ଥିଲା ଆଇନର ଉତ୍ସ ଏବଂ ଶାସକ ହିଁ ଥିଲେ ରାଷ୍ଟ୍ରର ପ୍ରତୀକ।।୧୯୪୭ ପରେ ଆମେ ଯେଉଁ ଗଣତାନ୍ତ୍ରିକ ଓ ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ଗ୍ରହଣ କଲେ ସେଥିରେ ଦେଶର ଇତିହାସରେ ପ୍ରଥମ ଥର ପାଇଁ ପ୍ରଜାମାନଙ୍କୁ ମାଲିକ ଏବଂ ରାଜାମାନଙ୍କୁ ତାଙ୍କର ପ୍ରତିନିଧି ବା ସେବକର ଦର୍ଜା ଦିଆଯାଇ ଏକ ଆଇନର ଖସଡା ବା ସମ୍ବିଧାନର ବ୍ୟବସ୍ଥା କରାଗଲା ଏବଂ ଏହି ବ୍ୟବସ୍ଥାରେ ସ୍ୱାଧିନତାର ଅଧିକାର, ସମାନତାର ଅଧିକାର ଆଦି ଅଧିକାରକୁ ଆଇନସିଦ୍ଧ କରାଯାଇ ସାଧାରଣ ଲୋକର ବ୍ୟକ୍ତି ମର୍ଯ୍ୟାଦାକୁ ପ୍ରାଧାନ୍ୟ ଦିଆଗଲା।

ସ୍ୱାଧୀନତା ଆନ୍ଦୋଳନ ଦେଖିଥିବା ଏବଂ ସ୍ୱାଧିନତା ପରବର୍ତ୍ତି ସମୟରେ ଦେଶରେ ଶାସନ ଢାଞ୍ଚା ଗଢିଥିବା ପିଢି ଆଜି ପ୍ରାୟତଃ ଲୁପ୍ତ କିନ୍ତୁ ଏହି ସ୍ୱାଧିନତା ଉତ୍ସବ ପାଳନ ସମୟରେ 'ଜେନ-ଜି', 'ଜେନ-ଆଲ୍ଫା' ଭାବରେ ବିବେଚିତ ଆମ ଦେଶର ଭବିଷ୍ୟତ ଆମ ଦେଶର ଯୁବଛାତ୍ରମାନଙ୍କର ରାଷ୍ଟ୍ରବ୍ୟାପୀ ଆନ୍ଦୋଳନ ଏହି ସମୀକ୍ଷାର ପ୍ରାସଙ୍ଗିକତା ଆହୁରି ବଢେଇ ଦେଇଛି।

ଏହି ଆନ୍ଦୋଳନରେ ସମଗ୍ର ବ୍ୟବସ୍ଥା ଉପରେ ଏକ ଅବିଶ୍ୱାସ ଓ ଅସନ୍ତୋଷ ପ୍ରତିଫଳନ ହୋଇଛି। ବ୍ୟବସ୍ଥାପିକା, ନ୍ୟାୟପାଳିକା, ପୁଲିସ ପ୍ରଶାସନ ବା କାର୍ଯ୍ୟପାଳିକା, ଗଣମାଧ୍ୟମ ଆଦି ସମାଜ ଓ ସରକାରର ସମସ୍ତ ସ୍ତମ୍ଭ ବିରୋଧରେ ଏହି ଅସନ୍ତୋଷ ଦେଶପାଇଁ ଆଦୌ ଶୁଭ ସୁଚନା ନୁହେଁ।

ମୋ ମତରେ ଏହି ଅସନ୍ତୋଷ ମୂଳରେ ରହିଛି ଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ବାଦର ଅଭାବ। ଦିନକୁ ଦିନ ଶାସନରେ ଥିବା ଲୋକମାନଙ୍କର ମାନସିକତା ପ୍ରତିନିଧି ବଦଳରେ ମାଲିକ ଭଳି ହୋଇଯାଉଛି। ଫଳରେ ସମ୍ବିଧାନ ଓ ରାଷ୍ଟ୍ରଶକ୍ତିକୁ ସମାଜର ବିକାଶ ନୁହେଁ ଶାସନର ସୁରକ୍ଷା ପାଇଁ ବ୍ୟବହାର କରାଯାଉଛି। ଭିନ୍ନମତକୁ ସଂଶୋଧନର ସ୍ୱର ଭାବି ସୁଧାରିବା ପରିବର୍ତ୍ତେ ଶତ୍ରୁଦୃଷ୍ଟିରେ ଦେଖାଯାଇ ଶାସ୍ତି ଦେବାର ବ୍ୟବସ୍ଥା ହେଉଛି। ପ୍ରଧାନମନ୍ତ୍ରୀଙ୍କର ଲାଲକିଲ୍ଲା ଭାଷଣରେ, ଯାହାକୁ ସେ ବାମପନ୍ଥୀ ନକ୍ସଲୀୟ ବିଚାରଧାରା ବୋଲି ଅଭିହିତ କରିଛନ୍ତି, ଏହା ଶାସକୀୟ ଶକ୍ତି ପ୍ରଦର୍ଶନର ଆସ୍ପର୍ଦ୍ଧା ପ୍ରତିଫଳିତ ହୋଇଛି। ତେବେ ଯୁବଶକ୍ତି ସାଧାରଣ ଭାବେ ବିଦ୍ରୋହୀ ଏବଂ ବାମପନ୍ଥୀ । ସେମାନଙ୍କ ସଙ୍ଗେ ଆମ ଶାସ୍ତ୍ର ମତେ, 'ପ୍ରାପ୍ତେଷୁ ଶୋଡଷେ ବର୍ଷେ ପୁତ୍ରମିତ୍ରେବାଚରେତ୍' ଭଳି ତାଙ୍କୁ ନଶୁଣି , ବୁଝି ବୁଝାଇବାର ଚେଷ୍ଟା ନକରି ଦମନାତ୍ମକ କାର୍ଯ୍ୟାନୁଷ୍ଠାନ କଲେ ବିଦ୍ରୋହ ବୃଦ୍ଧି ହୋଇ ସମାଜ ଅସ୍ଥିର ହେବା ହିଁ ସାର ହେବ।

ଯୁବକମାନଙ୍କ ମଧ୍ୟରେ ଥିବା ଅପାର ଶକ୍ତିକୁ ଆମେ ରାଷ୍ଟ୍ରନିର୍ମାଣରେ ଲଗେଇ ନପାରିଲେ ଏହା ନକାରାତ୍ମକ ଦିଗରେ ଯାଇ ରାଷ୍ଟ୍ରର ବିନାଶର କାରଣ ହେବ।

ଆଜିର ଯୁବପିଢି ନିକଟରେ ତଥ୍ୟ ଭରପୁର। ଇଣ୍ଟରନେଟ୍ ଯୁଗରେ ମୋବାଇଲ ଫୋନର ଗୋଟିଏ ବଟନ ଦବେଇଲେ ପୃଥିବୀଯାକ ଗୋଟିଏ ବହି କିମ୍ବା ଶ୍ରେଣୀଗୃହ ଭଳି ସମସ୍ତ ତଥ୍ୟ ମିଳିଯାଏ । ସ୍ୱାଧିନତାର ନିକଟତମ ପିଢି ଦେଶର ସଂସାଧନର ସୀମିତତା ଓ ତଥ୍ୟର ଉପଲବ୍ଧତାର ଅଭାବରୁ ଅନେକ କଥାକୁ ଭାଗ୍ୟ ଭାବି ଆଦରି ନେଉଥିଲେ। ବର୍ତ୍ତମାନର ପିଢି ସାରା ବିଶ୍ୱକୁ ଦେଖୁଛି, ସମ୍ଭାବନାକୁ ଦେଖୁଛି ,ସମୃଦ୍ଧିର ସ୍ୱପ୍ନ ବି ଦେଖୁଛି କିନ୍ତୁ ବାସ୍ତବତା ଯେତେବେଳେ ଅତି ନିର୍ଦ୍ଦୟ ଭାବେ ତାହାର ସ୍ୱପ୍ନଭଙ୍ଗ କରୁଛି ସେ ତାର ମନର କଥାକୁ କହିବାପାଇଁ ଚାହୁଁଛି ଏବଂ ତାର ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛି ।

ସେମାନଙ୍କୁ ଉପେକ୍ଷା କିମ୍ବା ଉପହାସ କରିହେବନାହିଁ। ବେରୋଜଗାରିଜନିତ ଅସହାୟତାକୁ ଅସରପା ଭାବେ ବିଦୃପ କରିହେବ ନାହିଁ। ପି ଏମ୍ କେୟାର ଫଣ୍ଡ, ରାମ ମନ୍ଦିର ଟ୍ରଷ୍ଟ, ଇଲେକ୍ଟୋରାଲ୍ ବଣ୍ଡ ଆଦିକୁ ସୁଚନା ଆଇନରୁ ବାହାରେ ରଖି ଅଭିଜିତ ଦିପକେର ବିଦେଶ ପାଠପଢାର ଉତ୍ସ ସମ୍ପର୍କରେ ପ୍ରଶ୍ନ କରିବାର ଛଳନାକୁ ସେମାନେ ଶୁଣିବେ ନାହିଁ। ତାଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବ୍ୟବସାୟୀକରଣ କରି ତାଙ୍କ ଭାଗ୍ୟ ଓ ଭବିଷ୍ୟତକୁ ଅନ୍ଧାରରେ ଛାଡିଦେବାର ଅପଚେଷ୍ଟାର ସେମାନେ ବିରୋଧ କରିବେ। ସାଧାରଣ ଜନତାର ସମସ୍ୟା ପ୍ରତି ନ୍ୟାୟପାଳିକାର ଉପେକ୍ଷାକୁ ସେମାନେ ବରଦାସ୍ତ କରିବେ ନାହିଁ। ନିଜ ଅଧିକାରକୁ ପୁଲିସ କିମ୍ବା ସୈନ୍ୟବଳର ଶକ୍ତି ସହାୟତାରେ ଦମନର ସେମାନେ ସାମନାରୁ ସମ୍ମୁଖୀନ କରିବେ। ନିଜନିଜ ଦଳ ଓ ସଂଶ୍ଳିଷ୍ଟ ସଂଗଠନମାନଙ୍କର ବିପୁଳ ସମ୍ପତିର ଉତ୍ସ ସମ୍ପର୍କରେ ସାଧାରଣରେ ସୁଚନା ପ୍ରକାଶ ନକରି ଏଫ୍.ସି.ଆର.ଏ ଆଇନ ଆଳରେ ଜନବିରୋଧି ନିତି ଓ କାର୍ଯ୍ୟର ବିରୋଧ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ଉପରେ ଅଙ୍କୁଶ ଲଗାଇବାକୁ ସେମାନେ ସ୍ୱୀକାର କରିବେ ନାହିଁ।

ସେମାନଙ୍କର ଆନ୍ଦୋଳନର ତରିକା ମଧ୍ୟ ଭିନ୍ନ। ଜନ୍ତରମନ୍ତର, ପାଟନା, ମୁମ୍ବାଇରେ ସେମାନେ ଗମ୍ଭୀର ପ୍ରସଙ୍ଗର ଆନ୍ଦୋଳନକୁ ଯେଉଳି ଉତ୍ସବରେ ପରିଣତ କରୁଥିଲା ଏହା ଆନ୍ଦୋଳନକୁ ଆହୁରି ଗଭୀର କରୁଥିଲା। ପ୍ରସଙ୍ଗମାନେ କେବଳ ସ୍ଲୋଗାନ ନୁହେଁ ବରଂ ସାଧାରଣ ଜନତାର ସମର୍ଥନ ଲାଭ ଏବଂ ଶାସକମାନଙ୍କୁ ବିଚଳିତ କରିବାର ଉଦ୍ଦେଶ୍ୟ ସଫଳ କରୁଥିଲେ ।



ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଜଣେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା କରେଇବାରେ ସଫଳ ହେବାପରେ ବାର୍ କାଉନ୍ସିଲ ଅଫ୍ ଇଣ୍ଡିଆର ସ୍ୱେଚ୍ଛାଚାରୀ ଆଦେଶ ଫେରସ୍ତ ଯୁବପିଢିଙ୍କୁ ଉତ୍ସାହିତ କରିଛି। ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ ଆଦି ଭାଜପା ଶାସିତ ରାଜ୍ୟରେ ଛାତ୍ରଛାତ୍ରୀମାନେ ନିଜନିଜ ଅସୁବିଧାକୁ ନେଇ ସର୍ବସାଧାରଣରେ ସ୍ୱର ଉତ୍ତୋଳନ କରିବାକୁ ଆଗେଇ ଆସିଛନ୍ତି। ଅଗଷ୍ଟ ପନ୍ଦରରୁ ସିଜେପି ଦ୍ୱାରା ଆହୁତ ଶିକ୍ଷାନୁଷ୍ଠାନ ଅଡିଟ୍ ଡାକରା ଯୁବପିଢିର ନିଜର ଦାବୀ ହାସଲ କରିବା ଓ ଶାସନକୁ ଉତ୍ତରଦାୟୀ କରିବାର ଉଦ୍ୟମ ବୃହତର ସମାଜର ସମର୍ଥନ ହାସଲ କରିବାରେ ସଫଳ ହେଉଛି।

ଏହା ଧିରେଧିରେ ଜେନେରେସନ୍ ଗ୍ୟାପକୁ ମଧ୍ୟ ଦର୍ଶାଉଛି। ଯୁବପିଢିକୁ ଶାସନ ହସ୍ତାନ୍ତରଣ ପୁର୍ବରୁ ବ୍ୟବସ୍ଥାକୁ ବିଶ୍ୱାସର ସଙ୍କଟରୁ ମୁକୁଳେଇବାକୁ ପଡିବ। ଶାସନ, ପ୍ରଶାସନ, ନ୍ୟାୟପାଳିକା, ନିର୍ବାଚନ ଆୟୋଗ,ପୁଲିସ ଓ ସୁରକ୍ଷାବଳ ଆଦି ସମସ୍ତ ସଂସ୍ଥାମାନଙ୍କୁ ଜନସାଧାରଣଙ୍କ ସେବକ ଭାବେ ଉତ୍ତରଦାୟୀତ୍ୱ ନେବାକୁ ପଡିବ। ଜନସାଧାରଣଙ୍କ ବିଶ୍ୱାସ ଓ ବିକାଶ ହିଁ ଶାସନର ମୂଳମନ୍ତ୍ର ହେବା ଉଚିତ ଏବଂ ଏହି ବିଶ୍ୱାସ ଫେରିପାଇବା ହିଁ ଆଜିକାର ଆତ୍ମମନ୍ଥନର ଆଧାର ହେବା ଉଚିତ।

ଜନ ଗଣ ମନର ଜୟକାର ହିଁ ବନ୍ଦେ ମାତରମର ଉଦ୍ଦେଶ୍ୟ ପରିପୁଷ୍ଟ କରିପାରିବ।

ଶେଷରେ ଜନସାଧାରଣଙ୍କ ସ୍ୱାଧିନତାରେ ହିଁ ଦେଶର ସ୍ୱାଧିନତା ନିହିତ। ଜନସାଧାରଣ ହିଁ ରାଷ୍ଟ୍ରର ସମସ୍ତ କାର୍ଯ୍ୟର କେନ୍ଦ୍ରବିନ୍ଦୁ ହେବା ବିଧେୟ। ଏବଂ ଏହାହିଁ ଆଜିର ସମସ୍ତ ଚିନ୍ତା ଚେତନାର ସାରକଥା।

(ମତାମତ ଲେଖକଙ୍କ ନିଜସ୍ୱ)

ଫୋନ୍ : ୯୪୩୭୨୭୪୯୫୨

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.... ୭୯ ବର୍ଷର ସ୍ୱାଧୀନ ଭାରତ :...

୨୩ ମଧ୍ୟରେ ନିମ୍ନ ମଧ୍ୟବିତ୍ତ ପରିବାର ସୀମାରେଖା ଅନୁଯାୟୀ ଦାରିଦ୍ର୍ୟ ହାର ୬୧.୮%ରୁ ୨୮.୧%କୁ କମିଥିଲା। ତଥାପି ସମସ୍ୟା ଅଛି। ଏକ ପଟେ ମହାନଗରରେ ଉଚ୍ଚ ଅଟ୍ଟାଳିକା, ଅନ୍ୟ ପଟେ ଗାଁରେ ଅସୁରକ୍ଷିତ ଜୀବନ। ଏକ ପଟେ କୋଟି କୋଟି ଟଙ୍କାର ସମ୍ପତ୍ତି, ଅନ୍ୟ ପଟେ ଦିନମଜୁରଙ୍କ ଦୈନିକ ଆୟ ଉପରେ ନିର୍ଭରଶୀଳତା। ଏହି ବିଷମତା ଆମକୁ ମନେ ପକାଇଦିଏ ଯେ ଅର୍ଥନୈତିକ ବୃଦ୍ଧି ଓ ସାମାଜିକ ନ୍ୟାୟ ଏକାଠି ଚାଲିବା ଦରକାର।

ସ୍ୱାଧୀନ ଭାରତର ସଫଳତାର ଏକ ବଡ଼ ଅଧ୍ୟାୟ ହେଉଛି ମହିଳାଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି। ଆଜି ମହିଳାମାନେ ବିଜ୍ଞାନୀ, ଡାକ୍ତର, ଇଞ୍ଜିନିୟର, ପାଇଲଟ୍, ପ୍ରଶାସକ, ଉଦ୍ୟୋଗୀ ଓ ରାଜନେତା ଭାବରେ ଆଗକୁ ଆସିଛନ୍ତି। ତଥାପି ମହିଳାଙ୍କ ସୁରକ୍ଷା, ଶିକ୍ଷା, ନିଯୁକ୍ତି, ସମାନ ଦରମା ଓ ସାମାଜିକ ସମ୍ମାନ କ୍ଷେତ୍ରରେ ଆହୁରି ଦୂର ଯିବାକୁ ଅଛି। ଭାରତର ଅର୍ଥନୀତି ବଢ଼ିଛି, କିନ୍ତୁ ମାନବ ବିକାଶରେ ଆମକୁ ଆହୁରି ଗତିଶୀଳ ହେବାକୁ ପଡ଼ିବ। UNDP ର ୨୦୨୫ Human Development Report ଅନୁସାରେ ଭାରତର HDI ୨୦୨୨ର ୦.୬୭୬ରୁ ୨୦୨୩ରେ ୦.୬୮୫କୁ ବଢ଼ିଛି ଏବଂ ଭାରତ ୧୯୩ଟି ଦେଶ ମଧ୍ୟରୁ ୧୩୦ତମ ସ୍ଥାନରେ ରହିଛି। ଏହା ଉନ୍ନତିର ସଙ୍କେତ, କିନ୍ତୁ ଆମ ପାଇଁ ଏକ ସ୍ମରଣୀୟ ବାର୍ତ୍ତା ମଧ୍ୟ, ବଡ଼ ଅର୍ଥନୀତି ହେବା ସହିତ ବଡ଼ ମାନବ ସମାଜ ହେବା ମଧ୍ୟ ଆବଶ୍ୟକ। ତେବେ ଉନ୍ନତି ହେଲା ନା ଅବନତି ? ଏହାର ଉତ୍ତର ହେଉଛି ଆମେ ଉନ୍ନତି କରିଛୁ ଅର୍ଥନୀତିରେ, ବିଜ୍ଞାନରେ, ମହାକାଶରେ, ରାସ୍ତା ଓ ରେଳରେ, ଡିଜିଟାଲ ପ୍ରଯୁକ୍ତିରେ, ଖାଦ୍ୟ ଉତ୍ପାଦନରେ, ଶିକ୍ଷାର ପ୍ରସାରରେ, ସ୍ୱାସ୍ଥ୍ୟସେବାରେ, ଆନ୍ତର୍ଜାତିକ ପ୍ରତିଷ୍ଠାରେ। କିନ୍ତୁ ଆମକୁ ଚିନ୍ତା କରିବାକୁ ହେବ, ବଢୁଥିବା ସାମାଜିକ ବିଷମତା, ବେକାରି ଓ ଗୁଣାତ୍ମକ ନିଯୁକ୍ତି, କୃଷକଙ୍କ ସମସ୍ୟା, ପରିବେଶ ପ୍ରଦୂଷଣ, ରାଜନୈତିକ ଧ୍ରୁବୀକରଣ, ଦୁର୍ନୀତି, ନ୍ୟାୟ ପାଇବାର ବିଳମ୍ବ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ବିଷମତା, ଏବଂ ସବୁଠାରୁ ବଡ଼ କଥା, ମାନବୀୟତାର ଅବକ୍ଷୟ।

ଦଳ ନୁହେଁ, ଦେଶ ହିଁ ବଡ଼, କୌଣସି ଦଳ ଚିରସ୍ଥାୟୀ ନୁହେଁ। କୌଣସି ନେତା ଚିରସ୍ଥାୟୀ ନୁହନ୍ତି। କିନ୍ତୁ ଦେଶ ଚିରସ୍ଥାୟୀ। କଂଗ୍ରେସ ଦେଶକୁ ଅନେକ ଦଶକ ଶାସନ କରିଛି। ତାହାର ଅବଦାନ ଓ ତ୍ରୁଟି, ଦୁଇଟିର ମୂଲ୍ୟାୟନ ହେବା ଦରକାର। ଜନତା ଦଳ ଓ ବିଭିନ୍ନ ମିଶ୍ର ସରକାର ମଧ୍ୟ ଭାରତୀୟ ଗଣତନ୍ତ୍ରକୁ ନୂଆ ଅନୁଭୂତି ଦେଇଛନ୍ତି। ବିଜେପି ନେତୃତ୍ୱାଧୀନ ସରକାରମାନେ ମଧ୍ୟ ଦେଶର ଅର୍ଥନୀତି, ଡିଜିଟାଲ ଭାରତ, ଭିତ୍ତିଭୂମି, ମହାକାଶ, ବିଦେଶନୀତି ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଜର ଛାପ ଛାଡ଼ିଛନ୍ତି। କିନ୍ତୁ ଇତିହାସର ନ୍ୟାୟାଳୟରେ କୌଣସି ଦଳ କେବଳ ନିଜ ସଫଳତାର ତାଲିକା ଦେଇ ମୁକ୍ତି ପାଇପାରିବ ନାହିଁ। ସଫଳତା ସହ ତ୍ରୁଟିର ମଧ୍ୟ ହିସାବ ଦେବାକୁ ପଡ଼ିବ। ଏବଂ ଏହି ମାନଦଣ୍ଡ ପ୍ରତ୍ୟେକ ଦଳ ପାଇଁ ସମାନ ହେବା ଦରକାର।

୮୦ତମ ବର୍ଷରେ ପାଦ ଦେଉଥିବା ଭାରତ ପାଇଁ ଆମର ପ୍ରଶ୍ନ କଣ ହେବା ଉଚିତ ? କେବେ ପ୍ରତ୍ୟେକ ଯୁବକଙ୍କୁ ସମ୍ମାନଜନକ ନିଯୁକ୍ତି ମିଳିବ? କେବେ ଚାଷୀ ନିଜ ଉତ୍ପାଦନର ନ୍ୟାୟସଙ୍ଗତ ମୂଲ୍ୟ ପାଇବ ? କେବେ ଗରିବ ଲୋକ ରୋଗକୁ ନେଇ ଭୟଭୀତ ହେବ ନାହିଁ? କେବେ ସରକାରୀ ସ୍କୁଲର ଶିକ୍ଷାକୁ ନେଇ ଗରିବ ବାପାମାଆଙ୍କୁ ଚିନ୍ତା କରିବାକୁ ପଡ଼ିବ ନାହିଁ? କେବେ ଜାତି, ଧର୍ମ ଓ ଭାଷାର ଭିନ୍ନତା ଆମର ଏକତାକୁ ଦୁର୍ବଳ କରିବ ନାହିଁ? କେବେ ନାଗରିକ ସରକାରୀ କାର୍ଯ୍ୟାଳୟକୁ ଭୟ ନୁହେଁ, ଅଧିକାରର ଭାବନା ନେଇ ଯିବ? ଏବଂ ସବୁଠାରୁ ବଡ଼ ପ୍ରଶ୍ନ, ଆମେ କି ଏମିତି ଏକ ଭାରତ ଗଢ଼ିପାରିବୁ, ଯେଉଁଠି ଦେଶର ବିକାଶର ଅର୍ଥ କେବଳ କିଛି ଲୋକଙ୍କର ସମୃଦ୍ଧି ନୁହେଁ, ବରଂ ଶେଷ ଧାଡ଼ିରେ ଥିବା ମଣିଷର ମୁହଁରେ ହସ ହେବ?

୧୯୪୭ର ଭାରତ ଆମକୁ ସ୍ୱାଧୀନତା ଦେଇଥିଲା। ସମ୍ବିଧାନ ଆମକୁ ଅଧିକାର ଦେଲା। ଗଣତନ୍ତ୍ର ଆମକୁ ନେତା ବାଛିବାର ଅଧିକାର ଦେଲା। ବିଜ୍ଞାନ ଆମକୁ ଶକ୍ତି ଦେଲା। ଅର୍ଥନୀତି ଆମକୁ ସୁଯୋଗ ଦେଲା। କିନ୍ତୁ ଏହି ସବୁକୁ ସଠିକ୍ ଦିଗରେ ବ୍ୟବହାର କରିବାର ଦାୟିତ୍ୱ ଆମର। ୭୯ ବର୍ଷ ପରେ ଭାରତ ନିଶ୍ଚିତ ଭାବେ ବହୁତ ଦୂର ଆସିଛି। ଆମେ ଯେଉଁ ଭାରତରୁ ଯାତ୍ରା ଆରମ୍ଭ କରିଥିଲୁ, ଆଜିର ଭାରତ ତାହାଠାରୁ ଅନେକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମବିଶ୍ୱାସୀ। କିନ୍ତୁ ଯାତ୍ରା ଶେଷ ହୋଇନାହିଁ। ସ୍ୱାଧୀନତାର ୭୯ ବର୍ଷର ସବୁଠାରୁ ବଡ଼ ଶିକ୍ଷା ହେଉଛି, ସରକାର ବଦଳିଲେ ଦେଶ ବଦଳେ ନାହିଁ; ଦେଶ ବଦଳେ ଯେତେବେଳେ ଶାସନ ବ୍ୟବସ୍ଥା, ନାଗରିକ ଚେତନା ଓ ସମାଜର ମନୋଭାବ ଏକାସାଙ୍ଗରେ ବଦଳେ। ଆଜି ଆମକୁ କେବଳ ଏହା କହିବାରେ ଗର୍ବ ଅନୁଭବ କରିବା ଉଚିତ ନୁହେଁ ଯେ, "ଆମେ ବିଶ୍ୱର ଏକ ବଡ଼ ଦେଶ।" ବରଂ ଆମର ସ୍ୱପ୍ନ ହେବା ଉଚିତ, "ଆମେ ବିଶ୍ୱର ଏକ ବଡ଼ ମାନବିକ ଦେଶ।" ଯେଉଁଠି ବିକାଶ ଅଛି, କିନ୍ତୁ ବିଷମତା ନାହିଁ; ଶକ୍ତି ଅଛି, କିନ୍ତୁ ଅହଂକାର ନାହିଁ; ବିଜ୍ଞାନ ଅଛି, କିନ୍ତୁ ମାନବୀୟତା ହଜିଯାଇନାହିଁ; ରାଜନୀତି ଅଛି, କିନ୍ତୁ ଦେଶ ରାଜନୀତିଠାରୁ ବଡ଼;

ଏବଂ ସ୍ୱାଧୀନତା କେବଳ ପତାକା ଉତ୍ତୋଳନରେ ନୁହେଁ, ପ୍ରତ୍ୟେକ ଭାରତୀୟର ଜୀବନରେ ଅନୁଭବ ହୁଏ। ସେହି ଭାରତ ହିଁ ହେବ ସ୍ୱାଧୀନତା ସଂଗ୍ରାମର ସହିଦମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।

*ଆଇନଜୀବୀ, ଓଡିଶା ହାଇ କୋର୍ଟ, କଟକ -୨*

## ସଂପାଦକୀୟ

# ଓ ଭାଇନା, ହେ ମଉସା

ଆମେ ସାଧାରଣତଃ ଅଳ୍ପ କିମ୍ବା ମଧ୍ୟ ବୟସ୍କ ଲୋକଙ୍କୁ 'ଭାଇ' କିମ୍ବା 'ଭାଇନା' ବୋଲି ସମ୍ବୋଧନ କରିଥାଉ। ଆଉ ଟିକେ ଅଧିକ ବୟସ୍କଙ୍କୁ 'ମଉସା' କିମ୍ବା 'ଅଙ୍କଲ' ବୋଲି ଡାକିଥାଉ। ନିକଟରେ ଘଟିଥିବା ଏକ ନିର୍ଦ୍ଦିଷ୍ଟ ଅନୁଭୂତିକୁ ଆଧାର କରି ଆଜିର ଏହି ଆଲେଖ୍ୟ।

ପ୍ରାତଃ ଭ୍ରମଣ କରୁଥିବା ସମୟରେ ଜଣେ କଲେଜ ପଢୁଆ ଯୁବତୀ କାନରେ ଇଅରଫୋନ୍ ଲଗାଇ ମୋ ପଛରେ ଚାଲୁଥିବାର ଦେଖିଲି। ସେ ମନେ ମନେ କ'ଣ କହି ଚାଲୁଥିବା ପରି ଲାଗୁଥିଲା। କିଛି ସମୟ ପରେ ଜାଣିଲି, ସେ ବ୍ଲୁଟୁଥ୍ ଇଅରଫୋନ୍ ମାଧ୍ୟମରେ କାହା ସହ ବଡ଼ ପାଟିରେ କଥା ହେଉଥିଲା।

କିଛି ସମୟ ପରେ ତା'ର ପାଟିରୁ 'ଓ ଭାଇ', 'ଓ ଭାଇନା' ବୋଲି ଡାକ ଶୁଣିଲି। ମୋତେ ଲାଗିଲା, ବୋଧହୁଏ ତାଙ୍କର କଥାବାର୍ତ୍ତା ଟିକେ ଉଚ୍ଚ ସ୍ୱରରେ ଶୁଣାଯାଉଛି। ଏହା ଭାବି ମୁଁ ମୋ ଚାଲିବାର ବେଗ ସମାନ ରଖି ଆଗକୁ ବଢ଼ି ଚାଲିଲି।

କିଛି ସମୟ ପରେ ଆଉ ଟିକେ ଉଚ୍ଚ ସ୍ୱରରେ ଶୁଭିଲା, 'ହେ ମଉସା ! ଟିକେ ଶୁଣିବେ।'

ପଛକୁ ଚାହିଁ ଦେଖିଲି, ଝିଅଟି ମୋତେ ହିଁ ଡାକୁଥିଲା। ମୁଁ ଚାଲିବାରେ ଟିକେ ବ୍ରେକ୍ ଦେଇ ପଚାରିଲି, 'ମୋତେ କ'ଣ କହୁଛୁ କି ଝିଅ ?'

ସଙ୍ଗେ ସଙ୍ଗେ ସେ ମୋତେ 'ମଉସା' ବୋଲି ସମ୍ବୋଧନ କରି ନିର୍ଦ୍ଦିଷ୍ଟ ଏକ ମନ୍ଦିରର ଠିକଣା ପଚାରିଲା। ମୁଁ ମନ୍ଦିରର ଠିକଣା ବତାଇ ଦେବା ପରେ ତାକୁ ପଚାରିଲି, 'ଝିଅ, ତୁମେ ଟିକେ ପୂର୍ବରୁ କାହାକୁ ଜୋରରେ ଡାକୁଥିଲ କି ?'

ସେ ହଁ ଭରି କହିଲା, 'ଆପଣଙ୍କ ଦ୍ରୁତ ଗତିର ଚାଲି ଦେଖି ମୁଁ "ଏ ଭାଇ, ଟିକେ ଶୁଣନ୍ତୁ" ବୋଲି ଦୁଇ-ତିନିଥର ଡାକିଲି। ଆପଣ ଶୁଣିଲେ ନାହିଁ। ଟିକେ ନିକଟତର ହେବା ପରେ ଆପଣଙ୍କ ପାଚିଲା ଚୁଟି ଦେଖି "ମଉସା, ଶୁଣନ୍ତୁ, ଶୁଣନ୍ତୁ" ବୋଲି ଡାକିବା ପରେ ଆପଣ ଶୁଣିଲେ।'

ତା'ପରେ ହସିଦେଇ ଝିଅଟି କହିଲା, 'ଆପଣ ଖରାପ ଭାବିବେ ନାହିଁ ମଉସା। ମୁଁ ଆପଣଙ୍କୁ ଭୁଲରେ ଭାଇ, ଭାଇ ବୋଲି ଡାକି ଦେଇଥିଲି।'

ମୁଁ ଝିଅଟିର କଥା ଶୁଣି ହସିଦେଲି ଏବଂ ଆଗକୁ ବଢ଼ିଲି। ଚାଲିବା ଭିତରେ ପିଲାଦିନର ଏକ ଅନୁଭୂତି ହଠାତ୍ ମନେ ପଡ଼ିଗଲା।

କଲେଜରେ ପଢ଼ିବା ସମୟରେ ବସ୍‌ରେ ନିୟମିତ ଯିବା ଆସିବା କରୁଥିଲୁ। ସେତେବେଳେ ଗମନାଗମନ ପାଇଁ ଅନ୍ୟ କୌଣସି ବିକଳ୍ପ ନଥିବାରୁ ବସ୍‌ଗୁଡ଼ିକରେ ଯାତ୍ରୀଙ୍କର ବହୁତ ଭିଡ଼ ହେଉଥିଲା। ମୁଁ ଓ ମୋର କିଛି ବନ୍ଧୁ ସିଟ୍ ମିଳିଯିବାରୁ ବସିଯାଇଥିଲୁ।

ମୋ ସିଟ୍ ନିକଟରେ ଜଣେ ବୟସ୍କ ଲୋକ ଛିଡ଼ା ହୋଇଥିବାରୁ ମୁଁ ତାଙ୍କୁ କହିଲି, 'ମଉସା, ଆପଣ ବସିଯାଆନ୍ତୁ।' ଏତିକି କହି ମୁଁ ଛିଡ଼ା ହୋଇଗଲି।

ମୋର 'ମଉସା' ଡାକ ଶୁଣି ବୟସ୍କ ଭଦ୍ରବ୍ୟକ୍ତି ଜଣକ ସିଟ୍‌ରେ ବସିବା ପରିବର୍ତ୍ତେ ରାଗରେ ପାଚିଲା ଲଙ୍କା ଭଳି ଲାଲ୍ ହୋଇ, ଦାନ୍ତ କଡ଼ମଡ଼ କରି ମୋତେ କହିଲେ, 'ମୁଁ ତତେ ମଉସା ଭଳି ଦେଖାଯାଉଛି ? ଚୁଟି ପାଚିଯାଇଛି ଆଉ ଧୋତି ପିନ୍ଧିଛି ବୋଲି ମୋତେ ମଉସା ଡାକିବୁ ?'

ଏମିତି କେତେ କ'ଣ କହିଗଲେ। ବସ୍‌ର କଣ୍ଡକ୍ଟର ଓ ଆଉ କିଛି ସହଯାତ୍ରୀ ଯଦି ହସ୍ତକ୍ଷେପ କରିନଥାନ୍ତେ, ସେଦିନ ହୁଏତ ମଉସା ମୋତେ ବାଡ଼େଇ ପକାଇଥାନ୍ତେ।

ତାଙ୍କ ବୟସ ସେତେବେଳେ ଅତି କମରେ ୬୦ କିମ୍ବା ୬୫ ବର୍ଷ ହୋଇଥିବ। କିନ୍ତୁ ସେ ଛୋଟ ପିଲାଙ୍କଠାରୁ ବି 'ମଉସା' ସମ୍ବୋଧନ ଶୁଣିବାକୁ ପ୍ରସ୍ତୁତ ନଥିଲେ।

ତା'ର ଠିକ୍ ପରଦିନ ଶୁଣିଲି, ସେହି ମଉସା ଜଣକ ନିୟମିତ କଲେଜ ବସ୍‌ରେ ଖୋର୍ଦ୍ଧାରୁ ଜଟଣୀ ଯାଇଥାନ୍ତି। ମୁଖ୍ୟ ଉଦ୍ଦେଶ୍ୟ ଥିଲା ଝିଅପିଲାଙ୍କ ପାଖରେ ଫାଙ୍କା ଥିବା ସିଟ୍‌ରେ ଯାଇ ବସିବା ଏବଂ ସେମାନଙ୍କ ସହ ଖରାପ ବ୍ୟବହାର କରିବା। ଏମିତିକି ପୂର୍ବରୁ ସେହି କାରଣ ପାଇଁ ସେ କିଛି ଝିଅଙ୍କଠାରୁ ଚପଲ ମାଡ଼ ମଧ୍ୟ ଖାଇଥିଲେ।

ବଡ଼ ବିଚିତ୍ର ଏଇ ଦୁନିଆ ଆଉ ଦୁନିଆର ଲୋକମାନେ ! ମଉସା ବା ବାପ ବୟସରେ ପହଞ୍ଚି ମଧ୍ୟ କେହି କେହି ବୟସ୍କ ହୋଇଗଲେଣି ବୋଲି ମାନିବାକୁ ନାରାଜ। ବୟସ ବଢ଼ିବା ସହିତ ଶରୀରରେ ପରିବର୍ତ୍ତନ ଆସିବା ଏକ ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ବୟସ୍କ ହେବା ପରେ ନିଜର ଆଚରଣ ଓ ଉଚ୍ଚାରଣକୁ ଯଦି ସମସ୍ତେ ସେହି ଅନୁସାରେ ମାନି ନେଇପାରନ୍ତେ, ତେବେ ସାନମାନେ ମଧ୍ୟ ଅନେକ କିଛି ଶିଖିପାରନ୍ତେ ଓ ସୁଧୁରି ଯାଆନ୍ତେ।

ଶେଷରେ କଥାଟି ଏତିକି, ବୟସ ବଢ଼ିବା ଆମ ହାତରେ ନୁହେଁ, କିନ୍ତୁ ବୟସକୁ ସମ୍ମାନ ଦେବା ଓ ବୟସ ଅନୁସାରେ ନିଜ ଆଚରଣକୁ ପରିମାର୍ଜିତ କରିବା ନିଶ୍ଚିତ ଭାବେ ଆମ ହାତରେ।

ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍‌ଆପ୍) : ୯୦୯୦୨୨୫୩୫୩
ଇମେଲ: voiceofvictimsnews@gmail.com
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଆମେ କ'ଣ ସତରେ ସ୍ୱାଧୀନ ?

## ସ୍ୱାଧୀନତାର ୭୯ ବର୍ଷ ପରେ ନିଜକୁ ପଚାରିବାର ସମୟ



ସନ୍ତୋଷ ମିଶ୍ର

୧୫ ଅଗଷ୍ଟ ଆସିଲେ ଆମେ ତ୍ରିରଙ୍ଗା ଉଡ଼ାଉ, ଜାତୀୟ ସଙ୍ଗୀତ ଗାଉ, ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେ ପକାଉ ଏବଂ ଗର୍ବର ସହ କହୁ—"ଆମେ ସ୍ୱାଧୀନ।" କିନ୍ତୁ ଏହି ଗର୍ବର ମଧ୍ୟରେ ଗୋଟିଏ ପ୍ରଶ୍ନ ଆମକୁ ନିଜକୁ ପଚାରିବାକୁ ପଡ଼ିବ—ଆମେ କେବଳ ବିଦେଶୀ ଶାସନରୁ ସ୍ୱାଧୀନ ହୋଇଛୁ, ନା ଚିନ୍ତା, ଭୟ, ଦାରିଦ୍ର୍ୟ, ଅସମାନତା ଓ ଅନ୍ୟାୟରୁ ମଧ୍ୟ ସ୍ୱାଧୀନ ହୋଇଛୁ ?

୧୯୪୭ରେ ଭାରତ ଔପନିବେଶିକ ଶାସନରୁ ମୁକ୍ତ ହେଲା। କିନ୍ତୁ ସ୍ୱାଧୀନତାର ପ୍ରକୃତ ଅର୍ଥ କେବଳ ଯେ ଶାସକ ବଦଳିଯିବା ନୁହେଁ। ସ୍ୱାଧୀନତାର ଅର୍ଥ—ନାଗରିକ ନିଜ ମତ ପ୍ରକାଶ କରିପାରିବ, ପ୍ରଶ୍ନ ପଚାରିପାରିବ, ନିଜ ପସନ୍ଦର ଧର୍ମ ପାଳନ କରିପାରିବ, ନିର୍ଭୟରେ ଭୋଟ ଦେଇପାରିବ ଏବଂ ଆଇନ ଆଗରେ ସମାନ ଅଧିକାର ପାଇବ।

ଭାରତୀୟ ସମ୍ବିଧାନ ଏହି ସ୍ୱାଧୀନତାର ମୂଳ ଭିତ୍ତି। ସମ୍ବିଧାନର ଅନୁଚ୍ଛେଦ ୧୯ ନାଗରିକଙ୍କୁ ମତପ୍ରକାଶ, ଶାନ୍ତିପୂର୍ଣ୍ଣ ସମାବେଶ, ସଂଘ ଗଠନ, ଦେଶରେ ମୁକ୍ତ ଭାବେ ଚଳାଚଳ ଏବଂ ବସବାସର ଅଧିକାର ଦେଇଛି। ଅନୁଚ୍ଛେଦ ୧୪ ସମାନତାର ଅଧିକାର ଦିଏ ଏବଂ ଅନୁଚ୍ଛେଦ ୨୧ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା କରେ। (Legislative)

ତେଣୁ ପ୍ରଶ୍ନ ହେଉଛି—ଏହି ଅଧିକାରଗୁଡ଼ିକ କାଗଜରେ ଅଛି ନା ବାସ୍ତବ ଜୀବନରେ ମଧ୍ୟ ଅଛି ?

ଭୋଟ ଦେବାର ସ୍ୱାଧୀନତା ଅଛି—ଏହା ଆମର ବଡ଼ ଶକ୍ତି।

ଭାରତୀୟ ଗଣତନ୍ତ୍ରର ସବୁଠାରୁ ବଡ଼ ସଫଳତା ହେଉଛି ଆମର ନିର୍ବାଚନ ବ୍ୟବସ୍ଥା। ୨୦୨୪ ଲୋକସଭା ନିର୍ବାଚନରେ ପ୍ରାୟ ୬୪.୬ କୋଟି ଭୋଟର ମତଦାନ କରିଥିଲେ। ନିର୍ବାଚନ ଆୟୋଗର ତଥ୍ୟ ଅନୁସାରେ ମୋଟ ଭୋଟଦାନ ହାର ୬୬.୧୦% ଥିଲା। (Election Commission of India)

ଏହା ନିଶ୍ଚିତ ଭାବେ ଭାରତୀୟ ଗଣତନ୍ତ୍ରର ଏକ ବଡ଼ ଶକ୍ତି। ସାଧାରଣ ନାଗରିକଙ୍କ ହାତରେ ସରକାର ବାଛିବାର ଅଧିକାର ରହିଛି। ଏହି ଅଧିକାରକୁ କୌଣସି ମୂଲ୍ୟରେ ଛୋଟ କରି ଦେଖାଯାଇପାରିବ ନାହିଁ।

କିନ୍ତୁ ଗଣତନ୍ତ୍ର କେବଳ ଭୋଟ ଦେବାର ନାମ ନୁହେଁ।

ଭୋଟ ଦେବାର ସ୍ୱାଧୀନତା ସହିତ ପ୍ରଶ୍ନ କରିବାର ସ୍ୱାଧୀନତା, ସରକାରକୁ ସମାଲୋଚନା କରିବାର ସ୍ୱାଧୀନତା ଏବଂ ଭିନ୍ନମତ ରଖିବାର ସ୍ୱାଧୀନତା ମଧ୍ୟ ଆବଶ୍ୟକ।

ତେବେ ଆମର ମୁକ୍ତ କଣ୍ଠ କେତେ ମୁକ୍ତ ?

ଏଠାରେ ଆସେ ଆମ ସମୟର ସବୁଠାରୁ ବଡ଼ ପ୍ରଶ୍ନ।

ଆଜି ଆମେ ସୋସିଆଲ ମିଡିଆରେ ଲେଖୁଛୁ, ସରକାରକୁ ପ୍ରଶ୍ନ କରୁଛୁ, ନେତାଙ୍କୁ ସମାଲୋଚନା କରୁଛୁ। ଅର୍ଥାତ୍ ଅଭିବ୍ୟକ୍ତିର ସ୍ଥାନ ସମ୍ପୂର୍ଣ୍ଣ ଅନୁପସ୍ଥିତ ନୁହେଁ। କିନ୍ତୁ ସ୍ୱାଧୀନତା ସହିତ ଭୟର ପ୍ରଶ୍ନ ମଧ୍ୟ ଉଠୁଛି।

Freedom Housee 2026 ରିପୋର୍ଟ ଭାରତକୁ "Partly Free" ଭାବେ ମୂଲ୍ୟାୟନ କରି ୧୦୦ରୁ ୬୨ ସ୍କୋର ଦେଇଛି। ସେହି ରିପୋର୍ଟରେ ଭାରତର ନିର୍ବାଚନକୁ ସାଧାରଣତଃ ମୁକ୍ତ ଓ ନ୍ୟାୟସଙ୍ଗତ ବୋଲି ମାନିଥିବା ସତ୍ତ୍ୱେ ଅଭିବ୍ୟକ୍ତି, ମିଡିଆ ସ୍ୱାଧୀନତା ଓ ନାଗରିକ ସ୍ୱାଧୀନତା ସମ୍ପର୍କରେ ଚିନ୍ତା ପ୍ରକାଶ କରିଛି। (Freedom House)

ଏହା ଏକ ବିଦେଶୀ ସଂସ୍ଥାର ମୂଲ୍ୟାୟନ—ତେଣୁ ଏହାକୁ ଅନ୍ତିମ ସତ୍ୟ ବୋଲି ଗ୍ରହଣ କରିବା ଠିକ୍ ନୁହେଁ। କିନ୍ତୁ ଏଭଳି ରିପୋର୍ଟକୁ ସମ୍ପୂର୍ଣ୍ଣ ଅଣଦେଖା କରିଦେବା ମଧ୍ୟ ଗଣତାନ୍ତ୍ରିକ ମନୋଭାବ ନୁହେଁ। ଆମକୁ ତଥ୍ୟ ଦେଖିବା, ଯୁକ୍ତି କରିବା ଓ ନିଜେ ନିଷ୍କର୍ଷରେ ପହଞ୍ଚିବା ଦରକାର।

ମିଡିଆ ସ୍ୱାଧୀନତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। Reporters Without Borderse 2026 World Press Freedom Indexରେ ଭାରତ ୧୮୦ଟି ଦେଶ ମଧ୍ୟରୁ ୧୫୭ତମ ସ୍ଥାନରେ ରହିଛି। (Reporters Without Borders)

କେହି ଏହି ରିପୋର୍ଟକୁ ନେଇ ଏକମତ ହୋଇପାରନ୍ତି, କେହି ନ ହୋଇପାରନ୍ତି। କିନ୍ତୁ ଏହା ଆମ ପାଇଁ ଏକ ଆଇନା ଭଳି—ଆମେ ଆମର ଗଣତନ୍ତ୍ରକୁ ନେଇ ଆତ୍ମସନ୍ତୁଷ୍ଟ ହୋଇ ରହିବୁ, ନା ତାହାକୁ ଆହୁରି ମଜବୁତ କରିବାକୁ ଚେଷ୍ଟା କରିବୁ ?

ଆଉ ଏକ ଅଦୃଶ୍ୟ ପରାଧୀନତା—ଭୟ

ସ୍ୱାଧୀନତାର ସବୁଠାରୁ ବଡ଼ ଶତ୍ରୁ ସବୁବେଳେ ବନ୍ଧୁକ ନୁହେଁ। ବେଳେବେଳେ ଭୟ ମଧ୍ୟ ଏକ ଶୃଙ୍ଖଳ।

ଚାକିରି ହରାଇବାର ଭୟ, ସମାଜ କଣ କହିବ ତାହାର ଭୟ, ଜାତି-ଧର୍ମ ନେଇ ପ୍ରଶ୍ନ କଲେ ବିରୋଧର ଭୟ, ସରକାରୀ ବ୍ୟବସ୍ଥା ବିରୋଧରେ କହିଲେ ପରିଣାମର ଭୟ—ଏସବୁ ଯଦି ଜଣେ ନାଗରିକଙ୍କୁ ନିଜ ମନର କଥା କହିବାରୁ ରୋକିଦିଏ, ତେବେ ଆମେ ଆଇନଗତ ଭାବେ ସ୍ୱାଧୀନ ହୋଇଥିଲେ ମଧ୍ୟ ମାନସିକ ଭାବେ କେତେ ସ୍ୱାଧୀନ ?

ଏହି ପ୍ରଶ୍ନର ଉତ୍ତର ସରଳ ନୁହେଁ।

ଆର୍ଥିକ ସ୍ୱାଧୀନତା ବିନା ରାଜନୈତିକ ସ୍ୱାଧୀନତା କେତେ ପୂର୍ଣ୍ଣ ?

ଜଣେ ମଣିଷଙ୍କ ପାଖରେ ଭୋଟ ଦେବାର ଅଧିକାର ଅଛି, କିନ୍ତୁ ଯଦି ତାଙ୍କ ପାଖରେ ଦୁଇବେଳା ଖାଇବାର ନିଶ୍ଚିତତା ନାହିଁ, ଶିକ୍ଷାର ସୁଯୋଗ ନାହିଁ, ଚିକିତ୍ସା ଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ନାହିଁ, ତେବେ ତାଙ୍କ ସ୍ୱାଧୀନତା କେତେ ପ୍ରଭାବଶାଳୀ ?

ଏଠି ହିଁ ସ୍ୱାଧୀନତାର ଦ୍ୱିତୀୟ ଅର୍ଥ ଆସେ—ସୁଯୋଗର ସ୍ୱାଧୀନତା।

କେବଳ ଧନୀ ଓ ଶକ୍ତିଶାଳୀ ଲୋକ ନୁହେଁ, ଜଣେ ଗରିବ ଶ୍ରମିକ, ଜଣେ କୃଷକ, ଜଣେ ଛୋଟ ବ୍ୟବସାୟୀ, ଜଣେ ମହିଳା, ଜଣେ ଦଳିତ, ଜଣେ ଆଦିବାସୀ କିମ୍ବା ଜଣେ ଅସହାୟ ନାଗରିକ—ସମସ୍ତଙ୍କ ପାଇଁ ସମାନ ସୁଯୋଗ ହିଁ ସ୍ୱାଧୀନତାର ପ୍ରକୃତ ପରୀକ୍ଷା।

ତେବେ ଆମେ କଣ ସତରେ ସ୍ୱାଧୀନ ?

ହଁ—କିନ୍ତୁ ସମ୍ପୂର୍ଣ୍ଣ ନୁହେଁ।

ଆମେ ବିଦେଶୀ ଶାସନରୁ ସ୍ୱାଧୀନ। ଆମ ପାଖରେ ସମ୍ବିଧାନ ଅଛି, ମୌଳିକ ଅଧିକାର ଅଛି, ନିର୍ବାଚନ ଅଛି, ସରକାର ବଦଳାଇବାର ଅଧିକାର ଅଛି। ଏସବୁ ଆମର ବିଶାଳ ଅର୍ଜନ।

କିନ୍ତୁ ସ୍ୱାଧୀନତା ଥରେ ପାଇଲେ ସବୁଦିନ ପାଇଁ ସୁରକ୍ଷିତ ରହେ ନାହିଁ। ଏହାକୁ ପ୍ରତିଦିନ ସୁରକ୍ଷା କରିବାକୁ ପଡ଼େ।

ସରକାରଙ୍କୁ ପ୍ରଶ୍ନ କରିବା ଦେଶଦ୍ରୋହ ନୁହେଁ।

ବିରୋଧୀ ମତ ରଖିବା ଅପରାଧ ନୁହେଁ।

ସରକାରକୁ ସମାଲୋଚନା କରିବା ଦେଶ ବିରୋଧ କରିବା ନୁହେଁ।

ଏବଂ ସରକାରଙ୍କ ଭଲ କାମକୁ ପ୍ରଶଂସା କରିବା ମଧ୍ୟ ଅପରାଧ ନୁହେଁ।

ଗଣତନ୍ତ୍ରର ସୌନ୍ଦର୍ଯ୍ୟ ହେଉଛି—ଏଠାରେ ସମସ୍ତେ ଏକମତ ହେବା ଦରକାର ନାହିଁ; ବରଂ ଭିନ୍ନମତ ଥିଲେ ମଧ୍ୟ ଏକାଠି ରହିବାର ସଂସ୍କୃତି ରହିବା ଦରକାର।

୧୯୪୭ରେ ଆମେ ଯେ ସ୍ୱାଧୀନତା ପାଇଥିଲୁ, ତାହାକୁ ଆଗାମୀ ପିଢ଼ି ପାଇଁ ଅଧିକ ଅର୍ଥପୂର୍ଣ୍ଣ କରିବା ଆମର ଦାୟିତ୍ୱ।

ତେଣୁ ଏହି ସ୍ୱାଧୀନତା ଦିବସରେ କେବଳ ପତାକା ଉଡ଼ାଇବା ନୁହେଁ, ନିଜକୁ ଗୋଟିଏ ପ୍ରଶ୍ନ ପଚାରିବା—

"ମୁଁ କେବଳ ଜଣେ ସ୍ୱାଧୀନ ଦେଶର ନାଗରିକ, ନା ମୁଁ ଜଣେ ସ୍ୱାଧୀନ ଚିନ୍ତାଧାରାର ନାଗରିକ ?"

କାରଣ ଦେଶ ସ୍ୱାଧୀନ ହେବା ଇତିହାସର ଘଟଣା;

କିନ୍ତୁ ନାଗରିକ ସ୍ୱାଧୀନ ରହିବା ହେଉଛି ପ୍ରତିଦିନର ସଂଘର୍ଷ।

ଏବଂ ସେହି ସଂଘର୍ଷ ହିଁ ଗଣତନ୍ତ୍ରକୁ ଜୀବନ୍ତ ରଖେ।

ଫୋନ୍ : ୮୪୨୦୦ ୧୬୪୫୦

# ବିଏମ୍‌ସି ପୋତିଦେଲା ଡ୍ରେନ୍ : ପାଣି ନିଷ୍କାସନ ବାଟ ବନ୍ଦ

## ସାମାନ୍ୟ ବର୍ଷାରେ ଜଳବନ୍ଦୀ ୫୯ ନମ୍ବର ୱାର୍ଡବାସୀ

**ଭୁବନେଶ୍ୱର (ଭିଓଭି) :** ବିଏମ୍‌ସିର ବେପରୁଆ ମନୋଭାବର ଆଉ ଏକ ନମୁନା ଏବେ ସାମ୍ନାକୁ ଆସିଛି। ସାମାନ୍ୟ ବର୍ଷା ହେଲେ ବର୍ଷାଜଳ ନିଷ୍କାସନ ପାଇଁ ବାଟ ନଥିବାରୁ ଘରେ ପାଣି ପଶୁଛି। ସମଗ୍ର ଅଞ୍ଚଳବାସୀ ଏକପ୍ରକାର ଜଳବନ୍ଦୀ ଜୀବନ ବିତାଉଛନ୍ତି। ଏହି ଦୁର୍ଦ୍ଦଶା ରାଜଧାନୀ ଭୁବନେଶ୍ୱରର ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ଗ୍ୟାରେଜ ଛକ-କେନାଲ ରୋଡ୍ ଅଞ୍ଚଳର। ରାସ୍ତାର ଉପର ପାର୍ଶ୍ୱରେ ଦୟା ୱେଷ୍ଟ କେନାଲ ଏବଂ କେନାଲର ବିପରୀତ ପାର୍ଶ୍ୱରେ ଥିବା ଅଧିକାଂଶ ଘର କେନାଲ ଉଚ୍ଚତାଠାରୁ ଢେର୍ ତଳେ ରହିଛି। ଏଠାରେ ବର୍ଷାଜଳ, ସ୍ୱେରେଜ୍ ଓ ଘରର ଅନ୍ୟାନ୍ୟ ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥିତ ଡ୍ରେନ୍ ବ୍ୟବସ୍ଥା ନାହିଁ। କେନାଲରେ ନିୟମିତ ପାଣି ଯାଉଥିବାରୁ ବର୍ଷସାରା କେନାଲର ଝର ପାଣି ରାସ୍ତାକୁ ଆସିବା ସହ ଅନେକ ସମୟରେ ଘର ଭିତରକୁ ମଧ୍ୟ ପଶିଯାଉଛି। ରାସ୍ତାରେ ପାଣି ଜମି ଶିଉଳି ବସିବା ଫଳରେ ପଥଚାରୀ ଓ ଯାନବାହାନ ଚଳାଚଳ ମଧ୍ୟ ବିପଦସଙ୍କୁଳ ହୋଇପଡୁଛି। ବର୍ଷା ଚାରିମାସରେ ତ କେନାଲ ଝର ପାଣି ସାଙ୍ଗକୁ ବର୍ଷାଜଳ ଘରେ ପଶିଯିବାରୁ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା କହିଲେ ନସରେ।

ଅଞ୍ଚଳବାସୀଙ୍କ ସୁବିଧା ପାଇଁ ସ୍ଥାନୀୟ କର୍ପୋରେଟରଙ୍କ ପ୍ରୟାସରେ ସରକାର ୨୦୧୯ ମସିହାରେ ଏହି ରାସ୍ତାରେ ଏକ ନିୟମିତ ଡ୍ରେନ୍ ନିର୍ମାଣ ପାଇଁ ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ଫଳକ ପୋତି ଶୁଭ ଉଦ୍‌ଘାଟନ କରିଥିଲେ। ଲୋକେ ଆଶା କରିଥିଲେ, ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ ହେବ। କିନ୍ତୁ ଫଳକ ପୋତାଗଲା, ଶୁଭ ପଡ଼ିଲା, ହେଲେ ଡ୍ରେନ୍ କାମର ଦେଖା ମିଳିଲାନି। ବର୍ଷ ପରେ ବର୍ଷ ଗଡ଼ିଗଲା, ସମସ୍ୟା ସେମିତି ରହିଲା।

ଚଳିତ ବର୍ଷ ମାର୍ଚ୍ଚ ମାସରେ ପୁଣି ବିଏମ୍‌ସି ପକ୍ଷରୁ ରାସ୍ତାର ଉପରମୁଣ୍ଡ ଅର୍ଥାତ୍ କେନାଲ ହୁଡ଼ା କଡ଼େ ସ୍ଥାୟୀ ଡ୍ରେନ୍ ଖୋଲିବା ପାଇଁ ଜେସିବି ଲଗାଇ ଖୋଳାଖୋଳି ଆରମ୍ଭ କରାଗଲା। କାମ ଆରମ୍ଭ ହେବା ଦେଖି ଲୋକେ ଖୁସି ହେଲେ, ହେଲେ ସେହି ଖୁସି ଅଧିକ ସମୟ ରହିଲାନି। କାରଣ ଘର ତଳେ ଥିବାବେଳେ ଡ୍ରେନ୍ ଉପରେ ରହିଲେ ପାଣି ନିଷ୍କାସନ ହେବ କିପରି—ଏହି ପ୍ରଶ୍ନ ଉଠିଲା। କାମ ନେଇଥିବା କଣ୍ଟ୍ରାକ୍ଟର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ ଯେ ରାସ୍ତାକୁ ଉଚ୍ଚା କରାଯାଇ କେନାଲ ପଟକୁ ଢାଲ ଦିଆଯିବ ଏବଂ ଆଉ ଅସୁବିଧା ହେବ ନାହିଁ।

କିନ୍ତୁ କାମ ଚାଲିବାର ପ୍ରାୟ ୧୦ ଦିନ ପରେ ହଠାତ୍ ବିଏମ୍‌ସି କମିଶନର ଚଞ୍ଚଳ ରାଣା ୫୯ ନମ୍ବର ୱାର୍ଡ ପରିଦର୍ଶନରେ ଆସି ଡ୍ରେନ୍ କାମ ନିରୀକ୍ଷଣ କରିଥିଲେ। ଦୟା ୱେଷ୍ଟ କେନାଲର ଉପର ପାର୍ଶ୍ୱରେ ଏଭଳି ଭାବେ ଡ୍ରେନ୍ କାମ କରାଯାଉଥିବା ନେଇ ସେ ପ୍ରଶ୍ନ ଉଠାଇବା ସହ କର୍ପୋରେଟରଙ୍କ ଉପସ୍ଥିତିରେ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁସାରେ କାମ ବନ୍ଦ ହେଲା, କିନ୍ତୁ ଖୋଳା ହୋଇଥିବା ଗାତ ସେମିତି ରହିଗଲା।

ଗାତରେ ଗାଈ, ବାଛୁରୀ, ମଣିଷ ଓ ଯାନବାହାନ ପଡୁଥିବା ନେଇ ଅଭିଯୋଗ ପରେ କଣ୍ଟ୍ରାକ୍ଟର ପୁଣି ଜେସିବି ଲଗାଇ କେନାଲ ହୁଡ଼ାରୁ ମାଟି ତାଡ଼ି ଗାତକୁ ଘୋଡ଼ାଇ ଦେଇଥିଲେ। ବର୍ଷା ଆସିବା ପରେ ଘୋଡ଼ାଯାଇଥିବା ଗାତରେ ପାଣି ଜମି ଘାସ ଉଠିଗଲା। ଅଣଓସାରିଆ ରାସ୍ତାରେ ଯାନବାହାନ ଫେରାଫେରି ସମୟରେ ଦୁଇଚକିଆ, ତିନିଚକିଆ ଓ ଚାରିଚକିଆ ଗାଡ଼ି ଫସିବା ଏବେ ନିତିଦିନିଆ ଘଟଣା। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ଗତ ତିନି ମାସ ମଧ୍ୟରେ ଶହେରୁ ଅଧିକ ଗାଡ଼ି ଏହି ଖାଲରେ ପଡ଼ି ହଇରାଣ ହୋଇଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବଜୁରି କିମ୍ବା ଛୋଟ ପଥର ମିଶା ମାଟି ପକାଇବା ବଦଳରେ ସେହି କେନାଲ ହୁଡ଼ାରୁ ମାଟି ତାଡ଼ି ଖାଲ ଘୋଡ଼ାଇ ଦିଆଯାଇଥିବାରୁ ସମସ୍ୟା ଯଥା ପୂର୍ବଂ ତଥା ପରମ୍।

ଏହି ସମସ୍ୟାର ସମାଧାନ ହୋଇନଥିବା ବେଳେ ଏବେ ଅଞ୍ଚଳବାସୀଙ୍କ ଘର ପଛପଟେ ଥିବା ନନ୍ଦକିଶୋର ବା କଣ୍ଡରା ପୋଖରୀର ପୁନରୁଦ୍ଧାର କାମ ଆଉ ଏକ ନୂଆ ସମସ୍ୟା ସୃଷ୍ଟି କରିଛି। ପୂର୍ବରୁ ବର୍ଷାଜଳ ଘର ପଛପଟ ଦେଇ ପୋଖରୀକୁ ନିଷ୍କାସିତ ହେଉଥିଲା। ଏବେ ପୋଖରୀର ହୁଡ଼ା ନିର୍ମାଣ ହୋଇଯିବାରୁ ସେହି ବାଟ ମଧ୍ୟ ବନ୍ଦ ହୋଇଯାଇଛି। ପୋଖରୀ ହୁଡ଼ା ନିର୍ମାଣ ପୂର୍ବରୁ ଘର ପଛପଟେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରିବାକୁ ଅଞ୍ଚଳବାସୀ ବାରମ୍ବାର ଦାବି କରିଥିଲେ ମଧ୍ୟ ବିଏମ୍‌ସି, ଆଞ୍ଚଳିକ ଲୋକପ୍ରତିନିଧି ଓ ନେତୃମଣ୍ଡଳୀ ଏହାକୁ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି। କୌଣସି ଉପାୟ ନପାଇ ଅଞ୍ଚଳବାସୀଙ୍କ ଏକ କମିଟି ଦୁଇ ଦିନ ତଳେ ସ୍ଥାନୀୟ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚି ଗୁହାରି କରିଥିଲେ। ସାଂସଦ ଅଭିଯୋଗ ଶୁଣିବା ପରେ ତୁରନ୍ତ ପଦକ୍ଷେପ ସ୍ୱରୂପ ଗତ ଶନିବାର ଅଞ୍ଚଳ ପରିଦର୍ଶନ କରି ସ୍ଥିତି ପରଖିବା ସହ ସମସ୍ୟାର ଆଶୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଏବେ ଅଞ୍ଚଳବାସୀଙ୍କ ଅପେକ୍ଷା, ୨୦୧୯ ମସିହାରେ ଯେଉଁ କାମ ପାଇଁ ଶୁଭ ପଡ଼ିଥିଲା, ଦୀର୍ଘ ସାତ ବର୍ଷ ପରେ ୨୦୨୬ରେ ତାହା ସତରେ ସମ୍ପୂର୍ଣ୍ଣ ହୋଇ ସ୍ଥାୟୀ ସମାଧାନ ଦେଇପାରିବ କି ? ନା ପୁଣି ଏକ ଫଳକ ପୋତି, ଶୁଭ ଦେଇ ଦାୟିତ୍ୱ ସାରିଦିଆଯିବ ଏବେ ସାଂସଦଙ୍କ ହସ୍ତକ୍ଷେପ ଅଞ୍ଚଳବାସୀଙ୍କ ପାଇଁ ରକ୍ଷାକବଚ ସାଜୁଛି କି ନାହିଁ, ତାହା ସମୟ ହିଁ କହିବ। ଅଞ୍ଚଳବାସୀଙ୍କ ଦାବି ଗୋଟିଏ, "ଶୁଭ ନୁହେଁ, ଏବେ ଦରକାର ସ୍ଥାୟୀ ସମାଧାନ।"



ବର୍ଷା ଦିନ ପୂର୍ବରୁ ଡ୍ରେନ୍ ପାଇଁ ଖୋଳି ଛାଡ଼ି ଦେଇଥିବା ଗାତରେ ଗାଈ ପଡ଼ିବାର ଦୃଶ୍ୟ



ମାଟି ଘୋଡାଇ ଦେଇଥିବା ଖାଲରେ କାର ଗଳିବା ଦୃଶ୍ୟ



ସ୍ଥିତି ଅନୁଧାନ କରିବା ପାଇଁ ଗ୍ରାଉଣ୍ଡ ଜିରୋରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ



## ହରିପ୍ରୀୟା ଇଂରାଜୀ ମିଡିୟମ୍ ବିଦ୍ୟାଳୟରେ ସ୍ୱାଧୀନତା ଦିବସ

**ବାଲେଶ୍ୱର (ଭିଓଭି) :** ହରିପ୍ରୀୟା ଇଂରାଜୀ ମିଡିୟମ ବିଦ୍ୟାଳୟରେ ୮୦ତମ ସ୍ୱାଧୀନତା ଦିବସ ବିଦ୍ୟାଳୟର ସେକ୍ରେଟାରୀ ତଥା ପ୍ରଧାନ ଶିକ୍ଷକ ଅନୁପ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ସଭାପତି ସୁସ୍ମିତା ପଣ୍ଡା ସକାଳ ୮ ଘଟିକାରେ ପତାକା ଉତ୍ତୋଳନ କରିଥିଲେ । ଶ୍ରୀମତୀ ପଣ୍ଡା ତାଙ୍କ ବକ୍ତବ୍ୟରେ ପିଲାମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବିଦ୍ୟାଳୟର ଟ୍ରଷ୍ଟି କ୍ଷଣପ୍ରଭା ମହାନ୍ତି ଏବଂ ଅମୀୟ ରଞ୍ଜନ ତାଳଦି ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା, ରଶ୍ମିତା ରାଉତ, ସୌଦାମିନି ଦାସ, ମଧୁସ୍ମିତା ଦତ୍ତ ସହଯୋଗ କରିଥିଲେ । ଶେଷରେ ମିଷ୍ଟାନ୍ନ ବଣ୍ଟନରେ ନସୀମା, ପୁଷ୍ପା ସହଯୋଗ କରିଥିଲେ ।



# ରାଜ-ରଣପୁର : କିଛି ଅନାବୃତ କଥା (୯)



ଚିତ୍ତରଂଜନ ଲାଲ୍ (ମୁନା)

୬୦,୭୦ ଓ ୮୦ଦଶକରେ ରାଜ ରଣପୁରରେ 'ପ୍ରେସ କନ୍ଦି' ନାମ ଶୁଣିଲେ ସାଧାରଣ ଲୋକ ଟିକେ ଡରିଯାଉଥିଲେ। ଲୋକଙ୍କ କହିବା ଅନୁସାରେ ପ୍ରେସ କନ୍ଦିରେ କୁଆଡେ ଭୂତ, ପ୍ରେତ ଏବଂ ଅସାମାଜିକ ତତ୍ତ୍ୱଙ୍କର ଚଳ ପ୍ରଚଳ ଥିଲା ।

ଏହି ପ୍ରେସ କନ୍ଦିର ଅବସ୍ଥିତି ହେଉଅଛି ରାଜବାଟି ସାମନା ଦୂର୍ଗା ମଣ୍ଡପ ନିକଟରେ ଥିବା ଗଳିଟି।

ସେତେବେଳେ ରାତିହେଲେ ସେ ରାସ୍ତା ଦେଇ କେହି ଯାଉନଥିଲେ କଦବା କ୍ୱଚିତ୍ କେହି କେହି ସାହସୀ ଲୋକ କେବଳ ସେହି କନ୍ଦି ଦେଇ ଯାଇଥାନ୍ତି।

ଦୁଇପଟେ ବାଉଁଶ ବୁଦା ସାଙ୍ଗକୁ ଗଛ ଲତାରେ ଭରପୁର ଅନ୍ଧାରିଆ ରାସ୍ତାଟି ବଜାରରୁ ସୁଆଁସିଆ ସାହିକୁ ସଂଲଗ୍ନ କରିଥାଏ।

ମୁଁ ଦେଖିବାରେ ୯୦ ଦଶକରେ ସେଠାରେ ଏକ ଭିଡ଼ିଓ ସିନେମା ହଲ କିଛି ବର୍ଷପାଇଁ ଚାଲିଥିଲା ।

କିନ୍ତୁ ଇତିହାସ କୁହେ ସେହି ସ୍ଥାନରୁ ରଣପୁରରେ ଉଦ୍ୟୋଗ, ଶିକ୍ଷାର ବିକାଶ ଓ ସ୍ୱାଧୀନତା ଆନ୍ଦୋଳନର ପରଦା ପଛର କାହାଣୀ ସବୁ ନିର୍ମାଣ ହୋଇଥିଲା।

ତାହାର ମୁଖ୍ୟ ନାୟକ ଥିଲେ ଶ୍ରୀ ମଧୁସୁଦନ ସାମନ୍ତରାୟ। ମଧୁସୂଦନଙ୍କର ଜନ୍ମ ରଣପୁର ଗଡ଼ଜାତର କାସନ୍ଦା ଗଡ ଗ୍ରାମରେ ୧୯୦୦ ମସିହାରେ ପିତା ଦଳବେହେରା ଶ୍ରୀ ଅନ୍ତର୍ଯ୍ୟାମୀ ସାମନ୍ତରାୟ ଓ ମାତା କେଶରୀ ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ।

ସେ ସତ୍ୟବାଦୀ ବନବିଦ୍ୟାଳୟରେ ପତ୍ୟକ୍ଷ ଭାବରେ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ପଞ୍ଚଶଖାଙ୍କ ପାଖରୁ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେ ପାଟନା ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ଶ୍ରେଣୀରେ ମେଟ୍ରିକ୍ୟୁଲେସନ୍ ପାସ୍ କରିଥିଲେ।

୧୯୨୦-୨୨ ମସିହା ପର୍ଯ୍ୟନ୍ତ ରେଭେନ୍ସା ମହାବିଦ୍ୟାଳୟରେ ଏଫ.ଏ. ପାଠ୍ୟକ୍ରମ ଶେଷ କରିଥିଲେ। ପରେ ପରେ ଆଇନ କାନୁନ ସମ୍ବନ୍ଧୀୟ 'ମୁକ୍ତାରସିପ୍' (ସେତେବେଳେର ଓକିଲାତି ପାଠ୍ୟକ୍ରମ) ମଧ୍ୟ ପାସ୍ କରିଥିଲେ।

ଛାତ୍ର ଜୀବନରେ ସେ ଓଡ଼ିଶାର ବରପୁତ୍ର ପଞ୍ଚସଖାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରୁଥିବାବେଳେ ଏବଂ ରେଭେନ୍ସା କଲେଜରେ ଅଧ୍ୟୟନ ସମୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ।

ରୋଜଗାର ନିମନ୍ତେ ସେ ପ୍ରଥମେ ପ୍ରଥମେ ସମ୍ବଲପୁରରେ ତତ୍କାଳୀନ ବ୍ରିଟିଶ୍ ସରକାରଙ୍କ ପଲଟିକାଲ ଏଜେଣ୍ଟଙ୍କ ଅଫିସ ଓ ନୟାଗଡ ଦେଓ୍ୱାନଙ୍କ ଅଫିସରେ ନିଯୁକ୍ତି ପାଇ କାର୍ଯ୍ୟ କରିଥିଲେ।

ଏହାପରେ ରଣପୁର ରାଜାଙ୍କ ସ୍ୱତନ୍ତ୍ର ଆବଶ୍ୟକତା କ୍ରମେ ରାଜା ତାଙ୍କୁ ରଣପୁର ବ୍ରିଟିଶ୍ ସରକାରଙ୍କ ଟ୍ରେଜରୀଖାନାରେ 'ତହବିଲଦାର୍' ଭାବେ ନିଯୁକ୍ତ କରାଇ ଥିଲେ। ସେଠାରେ ସେ ୧୯୪୫ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିବାର ଜଣାଯାଏ।

୧୯୩୯ ମସିହାରେ ସେତେବେଳର ବ୍ରିଟିଶ ସରକାରଙ୍କ ପଲଟିକାଲ ଏଜେଣ୍ଟ ମେଜର ବେଜେଲଗେଟ୍ ହତ୍ୟା ମାମଲାରେ ସହିଦ ରଘୁ ଦିବାକରଙ୍କ ଫାଶୀ ଓ ରଣପୁରରେ ପ୍ରଜା ଆନ୍ଦୋଳନକୁ ସମର୍ଥନ କରୁଥିବାର ସନ୍ଦେହ କରି ମଧୁ ବାବୁଙ୍କୁ, ୧୯୪୫ ମସିହାର ଶେଷ ପର୍ଯ୍ୟାୟରେ ଚାକିରୀରୁ ଅବନତି କରି ଦିଆ ଯାଇଥିଲା।

ଅନିଚ୍ଛାକୃତ ଚାକିରିରୁ ଅପସରି ଯିବା ପରେ ମଧୁ ବାବୁ ଓକିଲାତି ପେଶାକୁ ଆପଣେଇ ନେଇଥିଲେ । ରଣପୁର ବଡକୁଅ ସାହିରେ ଥିବା ଘରଟି ତାଙ୍କର ସରକାରୀ ଆବାସ ଥିଲା। ଇତିହାସକାର ଏବଂ ମଧୁ



ମଧୁସୂଦନ ସାମନ୍ତରାୟ

ବାବୁଙ୍କ ସୁଯୋଗ୍ୟ ନାତି ଶ୍ରୀ ଦେବୀ ପ୍ରସାଦ ସାମନ୍ତରାୟ (ଜ୍ୟୋତି ଭାଇ) କହିଥାନ୍ତି ଯେ

୧୯୩୦ ମସିହାରେ ପ୍ରସିଦ୍ଧ 'ସମାଜ' ଖବର କାଗଜ ପୂରୀ ଜିଲ୍ଲାର ସତ୍ୟବାଦୀରୁ ପ୍ରକାଶିତ ହେଉଥିଲା। ଆର୍ଥିକ ସମସ୍ୟା ଯୋଗୁଁ ପ୍ରେସ ଚଳାଇବା ଅସୁବିଧା ହେବାରୁ ଗୋପବନ୍ଧୁ ଦାସ 'ପ୍ରେସ୍'ଟିକୁ ରଣପୁରର ମଧୁ ବାବୁଙ୍କୁ ବିକ୍ରୀ କରିଦେଇଥିଲେ, ହେଲେ ମଧୁବାବୁ କହିଥିଲେ ପ୍ରେସ ଚଳାଇବା ପାଇଁ ମୋତେ ପେସାଦାର କର୍ମଚାରୀ ଦିଅନ୍ତୁ, ଯେଉଁମାନେକି ପ୍ରେସର ସବୁ ବିଭାଗରେ କାମ କରିପାରିବେ ।

ସେତେବେଳେ ରଣପୁର ଅଞ୍ଚଳର ଉଦୀୟମାନ ଦେଶଭକ୍ତ, କ୍ରାନ୍ତିକାରୀ ଯୁବକ ରଘୁନାଥ ମହାନ୍ତି ଏବଂ ଦିବାକର ପରିଡ଼ା ସମାଜ ଅଫିସର କର୍ମଚାରୀ ଥିଲେ ।

ସେ ଦୁଇଜଣ ରଣପୁରକୁ ଆସି ଏଠାରେ କାର୍ଯ୍ୟରେ ଯୋଗଦେଲେ। ରାଜନଗଡର ସ୍ୱର୍ଗତ ଶ୍ରୀ ଅଗାଧୁ ତୋଟାଳ ପ୍ରେସ ମ୍ୟାନେଜର ଥିଲେ। ସ୍ୱର୍ଗତ ରଙ୍କ ଖମାରୀ (ରଙ୍କ ଭାଇ), ସ୍ୱର୍ଗତ କୁଞ୍ଜ ପଟ୍ଟନାୟକ (ବଜି ପଟ୍ଟନାୟକଙ୍କ ବାପା) ଏବଂ ସ୍ୱର୍ଗତ ସପନି ସାମନ୍ତରାୟ ପ୍ରମୁଖ ପ୍ରେସର କର୍ମଚାରୀ ଓ ଅଧିକାରୀ ଥିଲେ।

ପ୍ରେସର ନାମ ରହିଥିଲା 'ନରେନ୍ଦ୍ର ଆର୍ଟ ପ୍ରେସ' ନାମକରଣ ପରଦା ପଛର କାହାଣୀ ହେଉଛି ସେତେବେଳେ ଦେଶୀୟ ରାଜାମାନେ ଖବରକାଗଜ ନିଜ ନିଜ ରାଜ୍ୟରେ ପ୍ରବେଶ ପାଇଁ ନିଷେଧ କରିଥିଲେ। ପ୍ରେସ ପ୍ରତିଷ୍ଠା କରିବା ପାଇଁ ରାଜାଙ୍କ ଠାରୁ ଲାଇସେନ୍ସ ଆବଶ୍ୟକ ହେଉଥିଲା। କୌଣସି କାରଣରୁ ଲାଇସେନ୍ସ ପାଇବା ପାଇଁ ବିଳମ୍ବ ହେବାରୁ ରାଜାଙ୍କୁ ସନ୍ତୁଷ୍ଟ କରିବା ପାଇଁ ମଧୁବାବୁ ପ୍ରେସର ନାମ ରାଜାଙ୍କ ନାମ ଅନୁସାରେ ନରେନ୍ଦ୍ର ପ୍ରେସ ଭାବେ ନାମିତ କରିଥିବାର ଜଣାଯାଏ।

ସେ ସମୟରେ ଏହା ରଣପୁରର ପ୍ରଥମ ଉଚ୍ଚ ପ୍ରଯୁକ୍ତିବିଦ୍ୟାଯୁକ୍ତ ଅନୁଷ୍ଠାନ ଥିଲା। ଖୋର୍ଦ୍ଧା, ନୟାଗଡ, ଦଶପଲ୍ଲା, ବୌଦ୍ଧ, ଖଣ୍ଡପଡ଼ା ଇତ୍ୟାଦି ସ୍ଥାନରେ ମଧ୍ୟ ସେତେବେଳେ ପ୍ରିଣ୍ଟିଙ୍ଗ ପ୍ରେସ ନଥିଲା ।

ପ୍ରେସ ପ୍ରତିଷ୍ଠାର ଭିତିରି ଉଦ୍ଦେଶ୍ୟ ଥିଲା ସ୍ୱାଧୀନତା ବିପ୍ଳବକୁ ଆହୁରି ଶାଣିତ କରିବା।

ଡଃ ହରେକୃଷ୍ଣ ମହତାବ ଏବଂ ଅନେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମର ନେତାମାନେ ରାଜ ରଣପୁର ନରେନ୍ଦ୍ର ପ୍ରେସକୁ ଗୁପ୍ତରେ ଆସୁଥିଲେ । ବିପ୍ଳବକୁ ଖୋରାକ ଯୋଗାଇବା ପାଇଁ ପୋଷ୍ଟର୍ ଓ ଅନ୍ୟାନ୍ୟ ପ୍ରଚାର ପତ୍ର ଓ ପୁସ୍ତକ ଏହିଠାରେ ବ୍ରିଟିଶ ଏବଂ ରାଜା ଶାସନ ଆଢୁଆଳରେ ଛପାଯାଇ ସବୁଆଡକୁ ବିତରଣ କରାଯାଉଥିଲା ।

ଏହିଠାରେ ମହାନ ଦେଶଭକ୍ତ ଓ ବିପ୍ଳବୀ ରଘୁ ଦିବାକର ତାଙ୍କର ବୈପ୍ଳବିକ କବିତା ଗୁଡ଼ିକ ଛାପି ଜନସାଧାରଣଙ୍କ ମଧ୍ୟରେ ଦେଶଭକ୍ତିକୁ ଜାଗୃତ କରୁଥିଲେ ।

୧୯୫୨ ମସିହାରେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ସେତେବେଳର ପୁରୀ କଲେକ୍ଟର ଶ୍ରୀ ଗୋପୀନାଥ ସିଂହଙ୍କ ସହିତ ତାଙ୍କ ବିଦେଶୀ ଚେଭରଲେଟ କାରରେ ଯାଉଥିବା ବେଳେ ଜାତୀୟ ରାଜପଥ ତାପଙ୍ଗ ନିକଟ ମଳିପଡ଼ାଠାରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ମାତ୍ର ୫୨ବର୍ଷ ବୟସରେ ମଧୁ ବାବୁ ପ୍ରାଣ ହରାଇଥିଲେ ।

ଯୋଗଜନ୍ମା ପୁରୁଷ ମଧୁବାବୁ କେବଳ ଆମ ଅଞ୍ଚଳ ନୁହେଁ ସମଗ୍ର ଓଡ଼ିଶା ପାଇଁ ଆଦର୍ଶ ଥିଲେ । ରଣପୁର ଏବଂ ଓଡ଼ିଶା ପାଇଁ ତାଙ୍କର ଅତୁଳନୀୟ ଅବଦାନକୁ ଇତିହାସ ସର୍ବଦା ମନେ ରଖିବ। (କ୍ରମଶଃ)

***ବଡ଼ଦାଣ୍ଡ ସାହି, ରାଜ-ରଣପୁର***
***ମୋ : ୯୪୩୭୨ ୨୮୮୫୬***

# ରଣପୁରରେ ସ୍ୱାଧୀନତା ଦିବସ ପାଳିତ

**ରଣପୁର (ଭିଓଭି) :** ରଣପୁର ଓ ଆଖପାଖ ଅଞ୍ଚଳ ତଥା ପୁରପଲ୍ଲୀରେ ୮୦ତମ ସ୍ୱାଧୀନତା ଦିବସ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ଏହି ଅବସରରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ ନୋଡାଲ ପିଏମଶ୍ରୀ ନୋଡାଲ ବି.ସି ହାଇସ୍କୁଲ, ଓଡିଶା ଆଦର୍ଶ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରଣପୁର ଆଦର୍ଶ ବିଦ୍ୟା ମନ୍ଦିର, କୃଷ୍ଣ ଦୈପାୟନ ବେଦ ପାଠଶାଳା, ଚାରିଅଟ ପବ୍ଲିକ ସ୍କୁଲ, କଳିଙ୍ଗ ଲୋଟସ, ଇଡେନ ସ୍କୁଲ, ସେଣ୍ଟ ଜାଭିଅର, ନେଳିଆ ପ୍ରାଥମିକ ବିଦ୍ୟାଳୟ, ହରିଜନ ବସ୍ତି ପ୍ରାଥମିକ ବିଦ୍ୟାଳୟ, ରଣପୁର ଡିଗ୍ରୀ ମହାବିଦ୍ୟାଳୟ, ରଣପୁର ମା ମଣିନାଗ ମହିଳା ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ତେବେ ଉପରୋକ୍ତ ସମସ୍ତ ବିଦ୍ୟାଳୟ ଗୁଡ଼ିକ ନିଜ ନିଜ ବିଦ୍ୟାଳୟରୁ ବାହାରି ବଡ଼ଦାଣ୍ଡ ପରିକ୍ରମା କରି ସ୍ଥାନୀୟ ପଞ୍ଚୁଦୋଳ ପଡ଼ିଆ ଠାରେ ପହଞ୍ଚି ଥିଲେ । ସ୍ଥାନୀୟ ବିଧାୟିକା ତଥା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଉକ୍ତ ପଡ଼ିଆ ସ୍ଥିତ ସହିଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସାର୍ବଜନୀନ ଭାବେ ପତାକା






ଉତ୍ତୋଳନ କରିବା ସାଙ୍ଗକୁ ସ୍ୱାଧୀନତା ଦିବସ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ । ତ୍ୟାଗ ଓ ବଳିଦାନ ଦେଇ ଦେଶକୁ ସ୍ୱାଧୀନ କରିଥିବା ବୀର ସୁପୁତ୍ର ମାନଙ୍କୁ ସ୍ମରଣ କରିବା ସହ ସହିଦର ରକ୍ତ ବ୍ୟର୍ଥ ଯାଏନା ବୋଲି କହିଥିଲେ । ସେମାନଙ୍କ ବଳିଦାନ ଯୋଗୁ ଦେଶ ସ୍ୱାଧୀନତା ହାସଲ କରିଥିବାରୁ ଅମର ସହିଦଙ୍କୁ ଶତ ଶତ ନମନ କରି ସେମାନଙ୍କ ଅନୁପ୍ରାଣିତ ହୋଇ ଦେଶ ସେବାରେ ନିଜକୁ ନିୟୋଜିତ କରିବାକୁ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ । ପରେ ସମୂହ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ପ୍ରଥମ କରି ଦେଶ ମାତୃକା ପାଇଁ ସେବା ଓ ବଳିଦାନ ଦେଇଥିବା ବୀର ଯବାନ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥଲା । ସେମାନେ ହେଲେ ଅବସରପ୍ରାପ୍ତ ସାମରିକ ବାହିନୀ ଅଧିକାରୀ ରାଧା କୃଷ୍ଣ ସିଂହଦେଓ, ଗଣେଶ୍ୱର ଶାସମଲଙ୍କୁ ମାନପତ୍ର ପ୍ରଦାନ କରିବା ସାଙ୍ଗକୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସେହିପରି ରଣପୁର ପ୍ରେସ କ୍ଲବରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ପାଢ଼ୀ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ରଣପୁର ସମେତ ଚାନ୍ଦପୁର, କନ୍ଧନୟାଗଡ଼, ରାଜ ସୁନାଖଳା, ଗୋପାଳପୁର, ଲୋଧାଚୁଆ, ଦର୍ପନାରାୟଣପୁର, ଡମସାହି, ମଝିଆଖଣ୍ଡ, ଗଡ଼ବାଣୀକିଲୋ, ଖଇରପଲ୍ଲୀ, ବୃନ୍ଦାବନପୁର, ଚମ୍ପାଗଡ଼ ଆଦି ପଞ୍ଚାୟତ ସମେତ ସମଗ୍ର ବ୍ଲକ ଅଞ୍ଚଳରେ ଏହି ଗଣ ପର୍ବ ପାଳିତ ହୋଇଯାଇଛି । ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି, ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର, ଏନସିସି ଲେଫ୍ଟନାଣ୍ଟ ଭାଗ୍ୟଧର ସ୍ୱାଇଁ, ହରିହର ନନ୍ଦ, ପ୍ରଶାନ୍ତ ମିଶ୍ର ଓ ସ୍ୱରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ ।

## ସୂଚନା

ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
Multilingual Weekly

ବିଜ୍ଞାପନ ପ୍ରକାଶ ପାଇଁ କିମ୍ବା ଟ୍ରଷ୍ଟର ଆଜୀବନ ସଦସ୍ୟତା ପାଇଁ ସ୍କାନ୍ କରି ଦେୟ ରାଶି ପ୍ରଦାନ କରି ଆମକୁ ସହଯୋଗ କରନ୍ତୁ ଏବଂ ଆମ ସହ ଯୋଡି ହୁଅନ୍ତୁ ।

**ସବିଶେଷ ଯୋଗାଯୋଗ :**
ମୋବାଇଲ୍ :
୯୦୯୦୨୨୫୩୫୩
**Email:**
voiceofvictim2019@gmail.com
voiceofvictimsnews@gmail.com
**Website :**
https://voiceofvictims.co.in
**E-Paper :**
voiceofvictimsepaper.in

# "SCIENTIFIC TEMPER"

## The Courage to Question, the Wisdom to Discover



Nihar Ranjan Acharya

Scientific temper is more than an interest in science; it is a way of thinking, questioning and living. In simple language, scientific temper means having the habit of asking questions, checking facts, looking for evidence and being willing to change our opinion when the evidence proves us wrong. It means not believing or rejecting something blindly, but trying to understand "why" and "how" it happens.

The essence of scientific temper lies in asking a simple but powerful question: "How do we know?" Instead of accepting a claim merely because it has been repeated for generations, said by an influential person or presented with confidence, a scientifically minded person looks for evidence. This does not mean rejecting traditions, beliefs or cultural practices blindly. It means understanding them critically and distinguishing between faith, opinion, assumption and verifiable fact.

Scientific temper begins with curiosity. A child who asks why the sky is blue, how plants grow, why an eclipse occurs or why diseases spread is already taking the first step towards scientific thinking. Unfortunately, as children grow older, society sometimes teaches them to stop questioning. Fear, superstition, misinformation and unquestioned authority can suppress curiosity. Education must therefore do more than provide information; it must cultivate the courage to ask questions.

In the age of social media, scientific temper has become even more important. False information can travel across the world within seconds. Misleading health claims, miracle cures, conspiracy theories, manipulated images and pseudoscientific explanations can influence millions of people. The solution is not simply to increase access to information, but to develop the ability to evaluate information. We must learn to ask: What is the source? What is the evidence? Can the claim be independently verified? Is there another explanation?

Scientific temper is equally important in public policy and national development. Decisions concerning health, education, agriculture, climate change, environment, technology and infrastructure should be guided by evidence and reason rather than rumours or convenience. A nation aspiring to become developed and resilient needs citizens who can think critically and participate intelligently in public discourse.

India's constitutional vision also recognises the importance of scientific temper. Article 51A(h) calls upon citizens to develop the scientific temper, humanism and the spirit of inquiry and reform. This is a powerful reminder that scientific thinking is not merely the responsibility of scientists. It is a civic responsibility shared by every citizen.




Developing scientific temper does not require everyone to become a scientist. It requires us to cultivate certain habits: curiosity instead of complacency, evidence instead of hearsay, reasoning instead of blind acceptance, dialogue instead of hostility, and willingness to change our conclusions when new evidence emerges.

Most importantly, scientific temper teaches us intellectual humility. Science does not claim to possess every answer. It continuously tests, corrects and improves its understanding. The ability to say "I don't know" and then begin the search for an answer is not weakness—it is one of the greatest strengths of scientific thinking.

A truly progressive society is not one where people stop believing; it is one where people learn to examine what they believe. Scientific temper gives us the courage to question, the discipline to investigate and the wisdom to accept evidence.

Doubt. Question. Discover. These three habits can transform individuals, institutions and ultimately the nation. If India is to build a future powered by knowledge, innovation and responsible citizenship, scientific temper must become not merely a subject in textbooks, but a culture in everyday life.

**Scientific Officer, Indian Climate Congress**
**Ph. 8249775817**
**E-Mail: nihar.acharya1973@gmail.com**




# ପତଞ୍ଜଳି ଯୋଗପୀଠ ପକ୍ଷରୁ ଜଳାଭିଷେକ

**କଟକ (ଭିଓଭି) :** ପତଞ୍ଜଳି ଯୋଗପୀଠ ପକ୍ଷରୁ ଭାଣପୁର ସ୍ଥିତ ସର୍ବେଶ୍ୱର ଶୈବପୀଠ ଠାରେ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହ ରାଜ୍ୟ ପ୍ରଭାରୀ ସୁନିଲ ଶର୍ମାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଭାରୀ ଶିଶିର ଜେନା, ନିମାଇଁ ଜେନା, ଭାରତ ସ୍ୱାଭିମାନ ମହାମନ୍ତ୍ରୀ କିଶୋର ସାଗର, ବିଚିତ୍ର ସାହୁ, ଶିବାଜୀ ସତ୍ୟ ଷଡ଼ଙ୍ଗୀ, ପ୍ରସନ୍ନ ଭୂୟାଁ, ପ୍ରିୟବ୍ରତ ରାଉତରାୟ, ସ୍ୱରୂପ ସାହୁ, ପ୍ରମୋଦ ଦାଶ, ଆଶିଷ ହାଲଦାର, ଭରତ ଶର୍ମା, ଅମୂଲ୍ୟ ମହାନ୍ତି, ଗଜେନ୍ଦ୍ର ସ୍ୱାଇଁ, ମହେନ୍ଦ୍ର ତ୍ରିପାଠୀ, ତ୍ରିନାଥ ଦାସ, ଗୌରବ ଶର୍ମା, ଲକ୍ଷ୍ମଣ କରଣ, ରାମଚନ୍ଦ୍ର ସାହୁ, ସାଗର ନାୟକ, ଶ୍ରୀଧର ପଣ୍ଡା, ଦେବାଶିଷ ପ୍ରଧାନ, ଶରତ ପଣ୍ଡା, ହୃଷିକେଶ ସାହୁ, ମାନସ ଦାସ, ଖଗେଶ୍ୱର ସାହୁ, ସୀମନ୍ତ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁଦାମ ମହାକୁଡ଼, ଗୋଲେଖ ପ୍ରଧାନ, ଗୋପିନାଥ ସାହୁ, ସଞ୍ଜୟ ସାହୁ, ସାଧୁଚରଣ ସ୍ୱାଇଁ, ରମେଶ ମଲ୍ଲିକ, ସୁଧାଂଶୁ ମହାନ୍ତି, ଚଣ୍ଡେଶ୍ୱର ବେହେରା, ପ୍ରଦ୍ୟୁମ୍ନ ବେହେରା, ପ୍ରମୋଦ ସାହୁ, ସି ଏଚ୍ ବସନ୍ତା, ବନ୍ଦିତା ମହାପାତ୍ର, ପାର୍ବତୀ ବିଶ୍ୱାଳ, କବିତା କରଣ, ଗୀତାଞ୍ଜଳି ଶତପଥୀ, ବିଦ୍ୟୁତଲତା ରାୟ, ବିମଳା ପାଣିଗ୍ରାହୀ, ସ୍ମୃତିସ୍ନିଗ୍ଧା ମହାପାତ୍ର, ଅନାମିକା ହୋତା, ପ୍ରତିମା ମିଶ୍ର, କବିତା ରାଉଳ, ବାସନ୍ତୀ ଦାସ, ଦୀପ୍ତି ସ୍ୱାଇଁ, ଜୟଲକ୍ଷ୍ମୀ ରାଉତରାୟ, ଲୀଳା ଶର୍ମା, ଦେବଲକ୍ଷ୍ମୀ ପଟ୍ଟନାୟକ, ତପସ୍ୱିନୀ ମହାନ୍ତି, ଗୀତାଞ୍ଜଳି ସାହୁ, ଆରତୀ ପଣ୍ଡା, ରୀତା ପୁହାଣ, ସଞ୍ଜୁ ପାତ୍ର, ଅମିତା ପୃଷ୍ଟି, ଅଞ୍ଜଳି ନାୟକ, ସବିତା ଦାସ, ଉଷାରାଣୀ ଜେନା, ଦେବଯାନୀ ପ୍ରଧାନ, କୁମୁଦିନୀ ଦ୍ୱିବେଦୀ, ରୋଜାଲିନ୍ ସାହୁ, ମମତା ସାହୁ ଓ ମମତା ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପତଞ୍ଜଳି ଯୋଗପୀଠ ପରିବାରର ୩୦୦ ରୁ ଅଧିକ ସାଧକ ସାଧିକା ଜଳାଭିଷେକ କରିବା ସହ ସଂକୀର୍ତ୍ତନ, ଭଜନ, ଶିବ ତାଣ୍ଡବ, ସରଳ ବୈଦିକ ଯଜ୍ଞ କରିଥିଲେ । ବୋଲବମ୍ ସେବା ଟ୍ରଷ୍ଟ ପକ୍ଷରୁ ପ୍ରସାଦ ବଣ୍ଟନ ଓ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

# ସରକାର ଦେଖୁଛନ୍ତି, ମାଫିଆ ଲୁଟୁଛନ୍ତି


## ରଣପୁରରେ ବେଆଇନ ମାଙ୍କଡା ପଥର ଖଣି ଖନନ

## ଚାନ୍ଦପୁର ଥାନାରେ ମାମଲା ରୁଜୁ

## ବାଚସ୍ପତି ଓ ତାଙ୍କ ସ୍ୱାମୀଙ୍କ ସମ୍ପୃକ୍ତି ଅଭିଯୋଗ




ROGI KALYAN SAMITI
TICKET FOR CASUALTY EMERGENCY PATIENT





**ରଣପୁର (ଭିଓଭି) :** କେରେଣ୍ଡା ଟାଙ୍ଗୀ ପଞ୍ଚାୟତ ନୂଆପଡ଼ା ଗ୍ରାମରେ ଅନେକ ଦିନ ହେଲା ବେଆଇନ ଭାବରେ ମାଙ୍କଡା ପଥର ପାହାଡ ଲୁଣ୍ଠନ ଅଭିଯୋଗ ଆସୁଛି। ବାରମ୍ବାର ଗଣମାଧ୍ୟମ ମାନଙ୍କରେ ଖବର ପ୍ରକାଶ ହେବା ପରେ ରଣପୁର ତହସିଲଦାର ସେଠାରେ ୧୪୪ଧାରା ଜାରି ହୋଇଛି ବୋଲି ମଧ୍ୟ ପ୍ରକାଶ କରିଥିଲେ। ଚାନ୍ଦପୁର ଥାନା ଭାରପ୍ରାପ୍ତ ଅଧିକାରୀ ମଧ୍ୟ ସେ ଥାନାରେ ଯୋଗ ଦେବାପରେ ୫ରୁ ଊର୍ଦ୍ଧ୍ୱ ଚୋରା ଚାଲାଣ କରୁଥିବା ଗାଡ଼ିକୁ ଜବତ କରିଥିବା ପ୍ରକାଶ କରିଥିଲେ।

ମାଙ୍କଡା ପଥର ପାହାଡ ଖନନ ନିମନ୍ତେ ଏତେ ସବୁ ପ୍ରଶାସନିକ ପ୍ରତିବନ୍ଧକ ଥିବା ସତ୍ତ୍ୱେ ମଧ୍ୟ ଦୁଇଦିନ ତଳେ ପ୍ରକୃତିର ଲୁଟେରା ମାନେ ଖାତିରି ନକରିବା ଓ ବିରୋଧ କରିବାରୁ ଆକ୍ରମଣ କରିବାକୁ ନେଇ ଲୁଟେରା ମାନଙ୍କର ଉପର ମହଲରେ ପ୍ରଚ୍ଛନ୍ନ ହାତ ଥିବା ବୁଦ୍ଧିଜୀବୀ ମାନେ ସନ୍ଦେହ ପ୍ରକଟ କରିଛନ୍ତି। ଚାନ୍ଦପୁର ଥାନାରେ ଗତ ୧୬ତାରିଖରେ ଶିଶିର କୁମାର ବଳିୟାରସିଂହଙ୍କ ପ୍ରାଥମିକ ଅଭିଯୋଗ ଅନୁସାରେ ଗ୍ରାମବାସୀ ମାନେ ବେଆଇନ ପଥର ଖଣି ଖନନ ମସୁଧାକୁ ବିରୋଧ କରୁଥିବାରୁ ତାଙ୍କ ଭାଇ ଅମିୟ ବଳିୟାରସିଂହ କୁ ବାଚସ୍ପତି ସୁରମା ପାଢ଼ୀ ଓ ତାଙ୍କ ସ୍ୱାମୀ ବିପିନ ପାଢୀଙ୍କ ନିର୍ଦ୍ଦେଶକ୍ରମେ ରାଜେଶ ମହାପାତ୍ରଙ୍କ ସମେତ ୪ଜଣ ଯୁବକ ଚାନ୍ଦପୁର ବଜାରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କ ଭାଇଙ୍କୁ ପ୍ରଥମେ ଚାନ୍ଦପୁର ଡାକ୍ତରଖାନା ଓ ପରେ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନା କୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି। ଓଡ଼ିଶା ସରକାରଙ୍କ ପୋଲିସ ସିଟିଜେନ ପୋର୍ଟାଲ ର ତଥ୍ୟ ଅନୁସାରେ ଚାନ୍ଦପୁର ଥାନାରେ ଗତ ୧୬ ତାରିଖରେ ଶିଶିର ରୁଜୁ କରିଥିବା ପ୍ରାଥମିକ ଅଭିଯୋଗ ଖବର ଲେଖାହେବା ପର୍ଯ୍ୟନ୍ତ ରେଜିଷ୍ଟ୍ରେସନ୍ କରାଯାଇନଥିଲା। ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବାଚସ୍ପତି ଓ ତାଙ୍କ ସ୍ୱାମୀଙ୍କ ସମ୍ପୃକ୍ତି ଅଭିଯୋଗ ଥିବାରୁ ପୋଲିସ ଓ ପ୍ରଶାସନ ଭୟ ଓ ଆଶଙ୍କାରେ କୌଣସି ପଦକ୍ଷେପ ନେଉନଥିବାର ଅଭିଯୋଗ କରିଛନ୍ତି ଅଭିଯୋଗକାରୀ ଶିଶିର ବଳିୟାରସିଂହ। ଖଣି ଖାଦାନ ଚୋରି ଓ ଚୋରା ବ୍ୟବସାୟକୁ ଯଦି ନିର୍ବାଚିତ ନେତା ଓ ନେତ୍ରୀମାନେ ସମର୍ଥନ କରିବେ ଅଳ୍ପଦିନ ମଧ୍ୟରେ ପ୍ରାକୃତିକ ସଂପଦରେ ଭରା ରଣପୁର ଧ୍ୱଂସ ପାଇଯିବ ବୋଲି ସନ୍ଦେହ ପ୍ରକଟ କରିଛନ୍ତି ଅଞ୍ଚଳବାସୀ।





# ସମ୍ ନର୍ସିଂ କଲେଜ କ୍ୟାମ୍ପସ ୨ରେ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

**ଭୁବନେଶ୍ୱର (ଭିଓଭି) :** ଯୁବପିଢ଼ି ମଧ୍ୟରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ କ୍ୟାମ୍ପସ, ଫୁଲନଖରା ପରିସରରେ ନିଶାମୁକ୍ତ ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅବସରରେ ଡକ୍ଟର କୃତି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ନିଶା ବିରୋଧୀ ସଚେତନତା ପ୍ରସାରରେ ଯୁବପିଢ଼ିର ପ୍ରେରିତ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା।

କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଡକ୍ଟର କୃତି ଏସ୍ଏନ୍ସି କ୍ୟାମ୍ପସ-୨ ଆସି ଛାତ୍ରଛାତ୍ରୀମାନଙ୍କୁ ନିଶାସେବନର କୁପ୍ରଭାବ ଉପରେ ଏକ ପ୍ରେରଣାଦାୟକ ଏବଂ ସଚେତନତା ମୂଳକ ଭାଷଣ ପ୍ରଦାନ କରିଥିଲେ। ନିଶାସେବନ ଦ୍ୱାରା ହେଉଥିବା ଶାରୀରିକ, ମାନସିକ, ସାମାଜିକ ଓ ଭାବନାତ୍ମକ କ୍ଷତି ସମ୍ପର୍କରେ ସେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହ ସୁସ୍ଥ ଜୀବନ ଶୈଳୀ, ସକାରାତ୍ମକ ଚିନ୍ତାଧାରା ଓ ଆତ୍ମସଂଯମ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମ ଏକ ନିଶାମୁକ୍ତ ପରିବେଶ ଗଠନ ନିମନ୍ତେ ସମସ୍ତଙ୍କ ସାମୂହିକ ଦାୟିତ୍ୱ ଓ ପ୍ରତିବଦ୍ଧତାର ବାର୍ତ୍ତା ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ଏସ୍ଏନ୍ସି କ୍ୟାମ୍ପସ ୨ ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ। ଯୁବପିଢ଼ିଙ୍କୁ ସଚେତନ, ଦାୟିତ୍ୱବାନ ଓ ନିଶାମୁକ୍ତ ଜୀବନ ନିମନ୍ତେ

# ପତଞ୍ଜଳି ପକ୍ଷରୁ ବିଶ୍ୱ ଅଙ୍ଗଦାନ ଦିବସ ପାଳନ



**କଟକ (ଭିଓଭି) :** ପତଞ୍ଜଳି ଯୋଗପୀଠ ପକ୍ଷରୁ ବରିଷ୍ଠ ଯୋଗ ଶିକ୍ଷକ ଶିବାଜୀ ସତ୍ୟ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ନୂଆବଜାର ବେଲେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ଅଙ୍ଗଦାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହୃଦରୋଗ ବିଶେଷଜ୍ଞ ଡାକ୍ତର ସତ୍ୟଜିତ ସାମଲ ଜଣେ ବ୍ୟକ୍ତି ଶରୀରର ଅଙ୍ଗଦାନ କରିବା ଦ୍ୱାରା ଆଠ ଜଣ ବ୍ୟକ୍ତିଙ୍କ ଉପକାର ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ପଣ୍ଡା, ଦେବାଶିଷ ପ୍ରଧାନ, ପବିତ୍ର ପାତ୍ର, ସନ୍ତୋଷ କୁମାର ଦାଶ, ମୋନାଲିସା ଦାଶ, ଗୀତାଞ୍ଜଳି ଦାସ, କଳ୍ପନା ମହାନ୍ତି, ଭାରତୀ ନାୟକ, ମନୋରମା ବିଶ୍ୱାଳ, ସୁପ୍ରିୟା ପଣ୍ଡା, ଆରତୀ ଜେନା, ପ୍ରଜ୍ଞା ପାରମିତା ଓ ବିନୋଦିନୀ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ରକ୍ତଦାନ ଓ ଅଙ୍ଗଦାନର ଉପକାରିତା ସମ୍ପର୍କରେ ଆଲୋଚନା ହେବା ସହ ଅଙ୍ଗଦାନ ବିଷୟରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ସାଗର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର